# ଆଦର୍ଶ ଆଚରଣ ବିଧି

## ସୂଚୀପତ୍ର


| ପରିଚ୍ଛେଦ | ବିଷୟ | | ପୃଷ୍ଠା |
|---|---|---|---|
| ୧ । | ସାଧାରଣ ଆଚରଣ ବିଧି | .. | ୧ |
| ୨ । | ସଭାସମିତି, ଶୋଭାଯାତ୍ରା, ଭୋଟ ପ୍ରାର୍ଥନା ଓ ପ୍ରଚାର | .. | ୧ |
| ୩ । | ଭୋଟ ଗ୍ରହଣ ଅଞ୍ଚଳ ଓ ଭୋଟ ଗ୍ରହଣ ଦିବସ | .. | ୨ |
| ୪ । | କ୍ଷମତାସୀନ ଦଳ ଏବଂ ଉଚ୍ଚ ପଦ ପଦବୀରେ ଥିବା ବ୍ୟକ୍ତି ବିଶେଷ | .. | ୩ |
| ୫ । | ସରକାରୀ କର୍ମଚାରୀ | .. | ୫ |
| ୬ । | ଦୁର୍ନୀତିମୂଳକ ପନ୍ଥା— | | |
| | (i) ଓଡ଼ିଶା ପୌରପାଳିକା ଅଧିନିୟମ, 1950 | .. | ୬-୭ |
| | (ii) ଓଡ଼ିଶା ପୌର ନିଗମ ଅଧିନିୟମ, 2003 | | |
| ୭ । | ନିର୍ବାଚନ ସଂକ୍ରାନ୍ତୀୟ ଅପରାଧ— | | |
| | (i) ଓଡ଼ିଶା ପୌରପାଳିକା ଅଧିନିୟମ, 1950 | .. | ୭-୧୨ |
| | (ii) ଓଡ଼ିଶା ପୌର ନିଗମ ଅଧିନିୟମ, 2003 | | |
| | (iii) ଭାରତୀୟ ପିଙ୍ଗଳ କୋର୍ଡର ଉଦ୍ଧୃତାଂଶ | | |


1002-SEC . 1Front

# ଓଡ଼ିଶାରେ ପୌର ନିର୍ବାଚନ ସମୟରେ
# ରାଜନୈତିକ ଦଳ, ପ୍ରାର୍ଥୀ ଓ ନିର୍ବାଚନ ସହ ଜଡିତ ସଭିଙ୍କ ନିମନ୍ତେ
# ଆଦର୍ଶ ଆଚରଣ ବିଧି

ପରିଚ୍ଛେଦ-୧

## ସାଧାରଣ ଆଚରଣ ବିଧି

୧ । କୌଣସି ରାଜନୈତିକ ଦଳ କିମ୍ବା ପ୍ରାର୍ଥୀ ମୌଖିକ ବା ଲିଖିତ ଭାବେ ଏପରି କୌଣସି ଭାଷା ବ୍ୟବହାର କରିବେ ନାହିଁ କିମ୍ବା ଏଭଳି କୌଣସି କାର୍ଯ୍ୟ କରିବେ ନାହିଁ, ଯାହା କି ବିଭିନ୍ନ ଗୋଷ୍ଠୀ ଓ ସଂପ୍ରଦାୟ ମଧ୍ୟରେ ଧର୍ମ, ଲିଙ୍ଗ, ଜନ୍ମସ୍ଥାନ, ଭାଷା, ଜାତି କିମ୍ବା ଗୋଷ୍ଠୀ ଭିତ୍ତିରେ ଅସୂୟାଭାବ, ଶତ୍ରୁତା ବା ଘୃଣାଭାବ ସୃଷ୍ଟି କରିବ ।

୨ । କୌଣସି ରାଜନୈତିକ ଦଳ କିମ୍ବା ପ୍ରାର୍ଥୀ ପ୍ରକାଶ୍ୟ ବା ଗୁପ୍ତ ଭାବରେ ଏଭଳି କୌଣସି ହିଂସାତ୍ମକ କାର୍ଯ୍ୟକଳାପର ଆଶ୍ରୟ ନେବେ ନାହିଁ ବା ସେ ସବୁକୁ ଉତ୍ସାହିତ କରିବେ ନାହିଁ ଯଦ୍ଵାରା ସାଧାରଣ ଶାନ୍ତି ଶୃଙ୍ଖଳା ଭଙ୍ଗ ହେବା ସହିତ ଭୋଟରମାନଙ୍କ ମନରେ ଭୟ ବା ନିରାପତ୍ତା ବିପନ୍ନ ଆଶଙ୍କା ସୃଷ୍ଟି କରିବ ।

୩ । କୌଣସି ଧାର୍ମିକ ସ୍ଥାନ, ସରକାରୀ ଭବନ ବା କାର୍ଯ୍ୟାଳୟ ବା ଶିକ୍ଷାନୁଷ୍ଠାନ ପରିସରରେ ନିର୍ବାଚନ ପ୍ରଚାର/ସଭା/କର୍ମୀ ସମ୍ମିଳନୀ ଇତ୍ୟାଦି କରାଯାଇ ପାରିବ ନାହିଁ ।

୪ । ଜଣେ ଆଶାୟୀ ପ୍ରାର୍ଥୀଙ୍କୁ ଏପରି କୌଣସି ପ୍ରକାରର ବାଧା କିମ୍ବା ଭୟ ପ୍ରଦାନ କରାଯାଇ ପାରିବ ନାହିଁ ଯାହା କି ତାଙ୍କୁ ପ୍ରାର୍ଥୀପତ୍ର ଦାଖଲ କରିବାରେ ଅନ୍ତରାୟ ସୃଷ୍ଟି କରିବ ।

୫ । ସମସ୍ତ ରାଜନୈତିକ ଦଳ ଓ ପ୍ରାର୍ଥୀ, ନିର୍ବାଚନ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ସହଯୋଗ କରିବେ ।

୬ । ନିର୍ବାଚନ ଆଇନ ଅନୁଯାୟୀ "ଦୁର୍ନୀତି" ଏବଂ "ଅପରାଧ" ବିବେଚିତ ସମସ୍ତ କାର୍ଯ୍ୟରୁ ସମସ୍ତ ରାଜନୈତିକ ଦଳ ଏବଂ ପ୍ରାର୍ଥୀ ନିବୃତ୍ତ ରହିବେ ।

୭ । "ପୌରପାଳିକା" କହିଲେ ଅଧିସୂଚିତ କ୍ଷେତ୍ର ପରିଷଦ ଓ ପୌର ନିଗମକୁ ମଧ୍ୟ ବୁଝାଯିବ ।

ପରିଚ୍ଛେଦ ୨

## ସଭାସମିତି, ଶୋଭାଯାତ୍ରା, ଭୋଟ ପ୍ରାର୍ଥନା ଓ ପ୍ରଚାର

୧ । କୌଣସି ରାଜନୈତିକ ଦଳ ବା ପ୍ରାର୍ଥୀ କୌଣସି ଭୋଟର ବା ଭୋଟର ଗୋଷ୍ଠୀଙ୍କୁ କୌଣସି ପ୍ରକାର ପ୍ରଲୋଭନ ଦେଇ ପାରିବେ ନାହିଁ, ଯାହା କି ଭୋଟରମାନଙ୍କୁ ସେମାନଙ୍କର ଭୋଟଦେବା ଅଧିକାରକୁ ମୁକ୍ତ ଭାବରେ ସାବ୍ୟସ୍ତ କରିବାରେ ବାଧା ସୃଷ୍ଟି କରିବ ।

୨ । କୌଣସି ରାଜନୈତିକ ଦଳ ବା ପ୍ରାର୍ଥୀଙ୍କ ନିର୍ବାଚନ ସଭା ଚାଲିଥିବା ବେଳେ ବିରୋଧୀ ରାଜନୈତିକ ଦଳ ବା ସେମାନଙ୍କ ସମର୍ଥକ କୌଣସି ପ୍ରକାର ବିଶୃଙ୍ଖଳା ବା ବାଧା ସୃଷ୍ଟି କରିବେ ନାହିଁ ।

୩ । ସର୍ବସାଧାରଣ ସ୍ଥାନରେ ନିର୍ବାଚନ ସଭା କରିବା ଓ ସର୍ବସାଧାରଣ ରାସ୍ତାରେ ଶୋଭାଯାତ୍ରା ନେବା ନିମନ୍ତେ ଉପଯୁକ୍ତ କର୍ତ୍ତୃପକ୍ଷଙ୍କଠାରୁ ଆଗୁଆ ଅନୁମତି ନେବା ଆବଶ୍ୟକ । ଯେଉଁ ଅଞ୍ଚଳରେ କୌଣସି ପ୍ରକାର ନିଷେଧାଜ୍ଞା ବଳବତ୍ତର ଥିବ ତାହା କଡ଼ାକଡ଼ି ଭାବେ ପାଳନ କରିବାକୁ ହେବ । ସାଧାରଣ ସ୍ଥାନମାନଙ୍କରେ ନିର୍ବାଚନ ସଭା ଓ ସର୍ବସାଧାରଣ ରାସ୍ତାରେ ଶୋଭାଯାତ୍ରା ନେବା ନିମନ୍ତେ ଅନୁମତି ଦେବା ସମୟରେ ସମ୍ପୃକ୍ତ କର୍ତ୍ତୃପକ୍ଷ 'ପ୍ରଥମ ଯିଏ ଆସିବେ ତାଙ୍କୁ ପ୍ରଥମେ ଅନୁମତି ଦିଆଯିବ' ଭିତ୍ତିରେ ଅନୁମତି ଦେବେ । କୌଣସି ସାଧାରଣ ସଭା ବା ଶୋଭାଯାତ୍ରା ଆୟୋଜନ କରିବା ବେଳେ, ସ୍ଥାନୀୟ ପୋଲିସ୍ ଓ ମାଜିଷ୍ଟ୍ରେଟଙ୍କୁ ଆଗତୁରା ଜଣାଇବା ଏବଂ ସେମାନଙ୍କର ନିର୍ଦ୍ଦେଶ, ଆଦେଶ ଓ ବାରଣ ମାନିବା ଆବଶ୍ୟକ ।

୪ । ଅନ୍ୟ ଦଳର ନେତା ତଥା ପ୍ରାର୍ଥୀମାନଙ୍କର ଚରିତ୍ର ସଂହାର ଦ୍ୱାରା ମନ୍ଦ ମନୋଭାବ ଓ ଉତ୍ତେଜନା ସୃଷ୍ଟି ହେବାର ସମ୍ଭାବନା ଥିବାରୁ ସେଥିରୁ ସମସ୍ତେ ନିବୃତ୍ତ ରହିବେ ।

୫ । ସର୍ବସାଧାରଣରେ ରାଜନୈତିକ ଦଳ ନେତାଙ୍କର କୁଶ ପୁତ୍ତଳିକା ଦାହ କରିବା, ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀଙ୍କର ବ୍ୟକ୍ତିଗତ ଜୀବନ ଏବଂ ଅପ୍ରମାଣିତ ଅଭିଯୋଗ ଭିତ୍ତିରେ କୌଣସି ରାଜନୈତିକ ଦଳକୁ ସମାଲୋଚନା କରିବାରୁ ସମସ୍ତେ ବିରତ ରହିବେ । କୌଣସି ନାଗରିକଙ୍କ ବାସସ୍ଥାନ କିମ୍ବା ସରକାରୀ ଅଫିସ୍ ଆଗରେ କୌଣସି ପ୍ରକାର ବିକ୍ଷୋଭ କିମ୍ବା ଧାରଣା ପ୍ରଦର୍ଶନ କରାଯାଇ ପାରିବ ନାହିଁ ।

୬ । ଡାକବାଜି ଯନ୍ତ୍ର ବ୍ୟବହାର ନିମନ୍ତେ ସଂପୃକ୍ତ କର୍ତ୍ତୃପକ୍ଷଙ୍କଠାରୁ ଆଗୁଆ ମଞ୍ଜୁରୀ ଆଣିବାକୁ ହେବ । ରାତି ୮ ଘଟିକା ପରେ ଏବଂ ସକାଳ ୭ ଘଟିକା ପୂର୍ବରୁ ଯେକୌଣସି ପରିସ୍ଥିତିରେ ମଧ୍ୟ ଡାକବାଜି ଯନ୍ତ୍ର ବ୍ୟବହାର କରାଯାଇ ପାରିବ ନାହିଁ । ଭୋଟ ଗ୍ରହଣ ସମାପ୍ତି ପାଇଁ ଧାର୍ଯ୍ୟ ସମୟର ୪୮ ଘଣ୍ଟା ପୂର୍ବରୁ ଡାକବାଜି ଯନ୍ତ୍ର ବ୍ୟବହାର ସଂପୂର୍ଣ୍ଣ ରୂପେ ନିଷିଦ୍ଧ ।

୭ । ସରକାରୀ ଅଫିସ୍ ଏବଂ ଶିକ୍ଷା ଓ ଧାର୍ମିକ ଅନୁଷ୍ଠାନ/ପୀଠମାନଙ୍କର କାନ୍ଥବାଡ ଓ ସର୍ବସାଧାରଣ ରାସ୍ତା ଆଦିରେ ତୋରଣ, ଫାଟକ, ପ୍ରଚାର ପତ୍ର, ପ୍ରଚାର ପତାକା ଲଗାଇବା କିମ୍ବା ପ୍ରଚାର ଘୋଷ ଲେଖିବା ନିଷିଦ୍ଧ । ଘରୋଇ କାନ୍ଥବାଡ କିମ୍ବା ଖାଲିସ୍ଥାନରେ ଘର/ଜମି ମାଲିକଙ୍କ ଲିଖିତ ଅନୁମତି ନେଇ ପ୍ରଚାର ପତ୍ର ଲଗା ଯାଇପାରେ ବା ଲେଖା ଯାଇପାରେ ।

ଯଦି କୌଣସି ରାଜନୈତିକ ଦଳ ବା ପ୍ରାର୍ଥୀ ସରକାରୀ ସମ୍ପତ୍ତିକୁ ବିକୃତ କରନ୍ତି ତେବେ ନିର୍ବାଚନ ଅଧିକାରୀ ଯଥାଶୀଘ୍ର ଏହାକୁ ହଟାଇବାପାଇଁ ସଂପୃକ୍ତ ପ୍ରାର୍ଥୀ ବା ଦଳକୁ ନୋଟିସ୍ କରିବେ । ଯଦି ସଂପୃକ୍ତ ଦଳ ବା ପ୍ରାର୍ଥୀ ଏହି ନିର୍ଦ୍ଦେଶକୁ ଅବମାନନା କରନ୍ତି ତେବେ ଜିଲ୍ଲା ପ୍ରଶାସନ ଏହାକୁ ହଟାଇବାପାଇଁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ଏବଂ ଏଥିପାଇଁ ଖର୍ଚ୍ଚ ହୋଇଥିବା ରାଶିକୁ ସେମାନଙ୍କଠାରୁ ଆଦାୟ କରାଯିବ । ପୁନଶ୍ଚ ସେହି ରାଶିକୁ ସଂପୃକ୍ତ ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚରେ ମିଶାଇ ଦିଆଯିବ ଓ ଅପରାଧକାରୀଙ୍କ ବିରୁଦ୍ଧରେ ମକଦ୍ଦମା ରୁଜୁ କରାଯିବ ।

୮ । ନିର୍ବାଚନ ପ୍ରଚାରରେ ବ୍ୟବହୃତ ହେଉଥିବା ସମସ୍ତ ପ୍ରକାର ପ୍ରଚାର ପତ୍ରରେ ମୁଦ୍ରାକର ଓ ପ୍ରକାଶକଙ୍କର ନାମ ଲିପିବଦ୍ଧ ହେବା ଆବଶ୍ୟକ ଯାହାଦ୍ୱାରା ଆପତ୍ତିଜନକ/ଅସମ୍ମାନ ସୂଚକ ଏବଂ ବେଆଇନ ଲେଖା ସମ୍ବଳିତ ପ୍ରଚାରପତ୍ର ପାଇଁ ମୁଦ୍ରାକର ଓ ପ୍ରକାଶକଙ୍କୁ ପରବର୍ତ୍ତୀ ସମୟରେ ଉତ୍ତରଦାୟୀ କରାଯାଇ ପାରିବ ।

୯ । ଭୋଟ ଗ୍ରହଣ ସମାପ୍ତି ପାଇଁ ଧାର୍ଯ୍ୟ ସମୟର ୪୮ ଘଣ୍ଟା ପୂର୍ବରୁ କୌଣସି ଭୋଟ ଗ୍ରହଣ କେନ୍ଦ୍ର ନିକଟରେ ରାଜନୈତିକ ଦଳ ବା ପ୍ରାର୍ଥୀମାନେ ସାଧାରଣ ସଭା ଆୟୋଜନ କରିବେ ନାହିଁ କିମ୍ବା ସେଥିରେ ଯୋଗ ଦେଇପାରିବେ ନାହିଁ ।

ପରିଚ୍ଛେଦ ୩

## ଭୋଟ ଗ୍ରହଣ ଅଞ୍ଚଳ ଓ ଭୋଟ ଗ୍ରହଣ ଦିବସ

୧ । ସମସ୍ତ ରାଜନୈତିକ ଦଳ ଓ ପ୍ରାର୍ଥୀ ଭୋଟ ଗ୍ରହଣ ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କୁ ସହଯୋଗ କରିବେ ।

୨ । ଭୋଟଦାନ ଦିବସରେ ସମସ୍ତ ରାଜନୈତିକ ଦଳ ଏବଂ ପ୍ରାର୍ଥୀମାନେ ପ୍ରତ୍ୟେକ ଭୋଟ ଦାନ କେନ୍ଦ୍ରର ୧୦୦ ମିଟର ଦୂରତା ମଧ୍ୟରେ ଅବସ୍ଥିତ ସର୍ବସାଧାରଣ କିମ୍ବା ଘରୋଇ ସ୍ଥାନରେ ନିମ୍ନୋକ୍ତ କାର୍ଯ୍ୟମାନ କରିବେ ନାହିଁ :—

(କ) ଭୋଟ ପାଇଁ ପ୍ରଚାର,

(ଖ) କୌଣସି ଭୋଟରଙ୍କୁ ଭୋଟ ପାଇଁ ପ୍ରାର୍ଥନା,

(ଗ) କୌଣସି ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କୁ ଭୋଟ ନ ଦେବାକୁ ଭୋଟରଙ୍କୁ ପ୍ରବର୍ତ୍ତାଇବା,

(ଘ) ସରକାରୀ ନୋଟିସ୍ କିମ୍ବା ସଙ୍କେତ ବ୍ୟତୀତ ନିର୍ବାଚନ ସଂକ୍ରାନ୍ତୀୟ ଅନ୍ୟ କୌଣସି ନୋଟିସ୍ ବା ଚିହ୍ନ ପ୍ରଦର୍ଶନ ।

୩ । କୌଣସି ଭୋଟରଙ୍କ ମୁକ୍ତ ମତଦାନ ଅଧିକାର ସାବ୍ୟସ୍ତିରେ ଅନ୍ତରାୟ ହେବା ଭଳି ବାଧା, ଧମକ କିମ୍ବା ବିରକ୍ତି ଭାବ ପ୍ରଦର୍ଶନ କରା ଯାଇ ପାରିବ ନାହିଁ ।

୪ । କୌଣସି ରାଜନୈତିକ ଦଳ କିମ୍ବା ପ୍ରାର୍ଥୀ ସେମାନଙ୍କର କର୍ମୀ ବା ସମର୍ଥକଙ୍କୁ ଭୋଟଗ୍ରହଣ ଦିନ ଏବଂ ତାର ୨୪ ଘଣ୍ଟା ପୂର୍ବରୁ ମଦ କିମ୍ବା ଅନ୍ୟ କୌଣସି ନିଶା ଦ୍ରବ୍ୟ ସେବନ କରିବାକୁ ଦେବେନାହିଁ ।

୫ । ସମସ୍ତ ରାଜନୈତିକ ଦଳ ଓ ପ୍ରାର୍ଥୀ ସେମାନଙ୍କର କ୍ଷମତାପ୍ରାପ୍ତ କର୍ମୀମାନଙ୍କୁ ଚିହ୍ନଟ ବ୍ୟାଜ୍ ଅଥବା ପରିଚୟ ପତ୍ର ପ୍ରଦାନ କରିବେ ।

୬ । ରାଜନୈତିକ ଦଳ ଓ ପ୍ରାର୍ଥୀମାନେ ଭୋଟଦାତାମାନଙ୍କୁ କେବଳ ସାଧା ଧଳା କାଗଜରେ ପରିଚୟ ପତ୍ର ଦେଇପାରିବେ । ଉକ୍ତ ପରିଚୟ ପତ୍ରରେ ପ୍ରାର୍ଥୀ ବା ରାଜନୈତିକ ଦଳର ନାମ କିମ୍ବା ଚିହ୍ନ ରହିବ ନାହିଁ ।

୭ । ପ୍ରାର୍ଥୀମାନଙ୍କ ଦ୍ୱାରା ଭୋଟ୍ ଗ୍ରହଣ କେନ୍ଦ୍ରର ୧୦୦ ମିଟର ବାହାରେ ସ୍ଥାପିତ କେନ୍ଦ୍ରରେ କୌଣସି ପ୍ରକାର ପ୍ରାଚୀର ପତ୍ର, ପତାକା, ସଂକେତ ଅଥବା ଅନ୍ୟ କୌଣସି ପ୍ରଚାର ସାମଗ୍ରୀ ପ୍ରଦର୍ଶିତ ହୋଇପାରିବ ନାହିଁ । ଉକ୍ତ କ୍ୟାମ୍ପରେ କୌଣସି ପ୍ରକାର ଖାଦ୍ୟଦ୍ରବ୍ୟ ପରିବେଷଣ ହୋଇପାରିବ ନାହିଁ କିମ୍ବା ଲୋକ ଜମାହେବାକୁ ଦିଆଯିବ ନାହିଁ ।

୮ । ସମସ୍ତ ରାଜନୈତିକ ଦଳ ଓ ପ୍ରାର୍ଥୀ ଭୋଟ୍ ଗ୍ରହଣ ଦିନ ଯାନବାହନ ଚଳାଚଳ ପାଇଁ ଯେଉଁ କଟକଣା ଧାର୍ଯ୍ୟ କରାଯିବ, ସେସବୁକୁ ପାଳନ କରିବା ଦିଗରେ କର୍ତ୍ତୃପକ୍ଷଙ୍କ ସହିତ ସହଯୋଗ କରିବେ । ସେମାନଙ୍କର ଅଧିକୃତ ଯାନବାହନ ଚଳାଚଳ ନିମନ୍ତେ ସଂପୃକ୍ତ କର୍ତ୍ତୃପକ୍ଷଙ୍କଠାରୁ ପର୍ମିଟ୍ ସଂଗ୍ରହ କରି ଉକ୍ତ ଯାନବାହନରେ ପ୍ରଦର୍ଶନ କରିବେ । ରାଜନୈତିକ ଦଳ ଓ ପ୍ରାର୍ଥୀଙ୍କ ତରଫରୁ ଯାନବାହନରେ ଭୋଟରମାନଙ୍କୁ ଭୋଟ ଗ୍ରହଣ କେନ୍ଦ୍ରକୁ ନେବା ଓ ଆଣିବା ସଂପୂର୍ଣ୍ଣ ନିଷିଦ୍ଧ ।

୯ । ଭୋଟର ଏବଂ ପ୍ରାଧିକୃତ ବ୍ୟକ୍ତିଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି କ୍ଷମତାପ୍ରାପ୍ତ ଅଧିକାରୀଙ୍କର ବିନା ଅନୁମତିରେ ଭୋଟ ଗ୍ରହଣ କେନ୍ଦ୍ରରେ ପ୍ରବେଶ କରି ପାରିବେ ନାହିଁ । ବାଚସ୍ପତି, ଉପବାଚସ୍ପତି, କୌଣସି ମନ୍ତ୍ରୀ, ରାଷ୍ଟ୍ରମନ୍ତ୍ରୀ, ଉପମନ୍ତ୍ରୀ, ବିଧାନସଭାର ମୁଖ୍ୟ ସଚେତକ, ଉପମୁଖ୍ୟ ସଚେତକ, ବିରୋଧୀଦଳ ନେତା, ପାର୍ଲିଆମେଣ୍ଟ ତଥା ବିଧାନ ସଭା ସଦସ୍ୟ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ, ସଂପୃକ୍ତ ଭୋଟ ଗ୍ରହଣ କେନ୍ଦ୍ର ନିମନ୍ତେ ନିଜେ ପ୍ରାର୍ଥୀ କିମ୍ବା ଭୋଟଦାତା ଅଥବା କ୍ଷମତା ସମ୍ପନ୍ନ ଏଜେଣ୍ଟ ନ ହୋଇଥିଲେ, ଉକ୍ତ କେନ୍ଦ୍ରକୁ ଭୋଟ ଗ୍ରହଣ ଚାଲିଥିବା ବେଳେ ଯାଇପାରିବେ ନାହିଁ ।

୧୦ । ଯଦି କୌଣସି ରାଜନୈତିକ ଦଳ ଅଥବା ପ୍ରାର୍ଥୀ ନିର୍ବାଚନ ସଂକ୍ରାନ୍ତୀୟ କୌଣସି ନିର୍ଦ୍ଦିଷ୍ଟ ସମସ୍ୟାର ସମ୍ମୁଖୀନ ହୁଅନ୍ତି, ସେସବୁର ସମାଧାନ ନିମନ୍ତେ ରାଜ୍ୟ ନିର୍ବାଚନ ଆୟୋଗ, ସଂପୃକ୍ତ ଅଞ୍ଚଳ ଦାୟିତ୍ୱରେ ଥିବା ନିର୍ବାଚନ ପର୍ଯ୍ୟବେକ୍ଷକ କିମ୍ବା ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟିକୁ ଆଣି ପାରିବେ ।

## ପରିଚ୍ଛେଦ-୪

## **କ୍ଷମତାସୀନ ଦଳ ଏବଂ ଉଚ୍ଚ ପଦ ପଦବୀରେ ଥିବା ବ୍ୟକ୍ତି ବିଶେଷ**

କେନ୍ଦ୍ରରେ କିମ୍ବା ସଂପୃକ୍ତ ରାଜ୍ୟରେ କ୍ଷମତାରେ ଥିବା ରାଜନୈତିକ ଦଳ/ଦଳମାନେ ନିର୍ବାଚନ ପ୍ରଚାର କାର୍ଯ୍ୟରେ ସରକାରୀ କ୍ଷମତାର ବ୍ୟବହାର ସଂପର୍କରେ ଯେପରି କୌଣସି ଅଭିଯୋଗ ନ ଆସେ, ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ଦେବେ, ବିଶେଷ କରି :—

(୧) ବାଚସ୍ପତି, ଉପବାଚସ୍ପତି, ମନ୍ତ୍ରୀ, ରାଷ୍ଟ୍ରମନ୍ତ୍ରୀ ଓ ଉପମନ୍ତ୍ରୀ, ସରକାରୀ ମୁଖ୍ୟ ସଚେତକ, ଉପମୁଖ୍ୟ ସଚେତକ, ବିରୋଧୀଦଳ ନେତା, ପାର୍ଲିଆମେଣ୍ଟ ତଥା ବିଧାନସଭା ସଦସ୍ୟ, ପୌର ପରିଷଦ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଏବଂ ଅନ୍ୟ ଯେଉଁମାନଙ୍କୁ ସରକାରୀ ସୁବିଧା ସୁଯୋଗ ଓ ସରକାରୀ ଗାଡ଼ି ଯୋଗାଇ ଦିଆଯାଇଛି, ସେମାନେ ସରକାରୀ ଗସ୍ତରେ ଯିବା ସମୟରେ ତାହା ସହିତ ନିର୍ବାଚନ ପ୍ରଚାର କାର୍ଯ୍ୟକୁ ସାମିଲ କରିବେ ନାହିଁ । ସେମାନେ ସରକାରୀ କଳ କିମ୍ବା ସରକାରୀ କର୍ମଚାରୀ କିମ୍ବା

ସରକାରୀ ଯାନବାହନ କିମ୍ବା ସର୍କିଟ୍ ହାଉସ୍, ଡାକ ବଙ୍ଗଳା ଏପରିକି କେନ୍ଦ୍ର ଓ ରାଜ୍ୟ ସରକାର ଅଧୀନରେ ଥିବା ଶିଳ୍ପ ଉଦ୍ୟୋଗ ଓ ସମବାୟ ସଂସ୍ଥାମାନଙ୍କର ମୁଖ୍ୟ ଭାବରେ ନିଯୁକ୍ତ ରାଜନୈତିକ କର୍ମକର୍ତ୍ତାମାନେ ସରକାରୀ କଳ କିମ୍ବା ସରକାରୀ କର୍ମଚାରୀ କିମ୍ବା ସରକାରୀ ଯାନବାହନ କିମ୍ବା ସର୍କିଟ୍ ହାଉସ୍, ଡାକ ବଙ୍ଗଳା ଏପରି କି କେନ୍ଦ୍ର ଓ ରାଜ୍ୟ ସରକାର ଅଧୀନରେ ଥିବା ଶିଳ୍ପ ଉଦ୍ୟୋଗର ଅତିଥି ଭବନ ଇତ୍ୟାଦି ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ନିର୍ବାଚନ ପ୍ରଚାର କାର୍ଯ୍ୟରେ ବ୍ୟବହାର କରି ପାରିବେ ନାହିଁ । ପୁନଶ୍ଚ ରାଜ୍ୟ ସରକାରଙ୍କ ଅଧିନରେ ଥିବା ଶିଳ୍ପ ଉଦ୍ୟୋଗ, ବୈଧାନିକ ସଂସ୍ଥା ଓ ସମବାୟ ସଂସ୍ଥାମାନଙ୍କର ମୁଖ୍ୟ ଭାବରେ ନିଯୁକ୍ତ ରାଜନୈତିକ କର୍ମକର୍ତ୍ତାମାନେ ସରକାରୀ କଳ କିମ୍ବା ସରକାରୀ କର୍ମଚାରୀ କିମ୍ବା ସରକାରୀ ଯାନବାହନ କିମ୍ବା ସର୍କିଟ୍ ହାଉସ୍, ଡାକ ବଙ୍ଗଳା ଏପରିକି କେନ୍ଦ୍ର ଓ ରାଜ୍ୟ ସରକାର ଅଧୀନରେ ଥିବା ଶିଳ୍ପ ଉଦ୍ୟୋଗର ଅତିଥି ଭବନ ଇତ୍ୟାଦି ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ନିର୍ବାଚନ ପ୍ରଚାର କାର୍ଯ୍ୟରେ ବ୍ୟବହାର କରିପାରିବେ ନାହିଁ ।

(୨) ଉପରୋକ୍ତ ଅନୁଚ୍ଛେଦ (୧) ରେ ଉଲ୍ଲେଖିତ ପଦାଧିକାରୀମାନେ ନିର୍ବାଚନ ସଭାରେ ଭାଷଣ ଦେବା କିମ୍ବା ନିର୍ବାଚନ ସଂକ୍ରାନ୍ତୀୟ ରାଜନୈତିକ କାର୍ଯ୍ୟରେ କୌଣସି ଅଞ୍ଚଳକୁ ଗସ୍ତ କରିବା ସମୟରେ ସରକାରୀ ଗାଡି କିମ୍ବା ସରକାରୀ କାର୍ଯ୍ୟ ନିମନ୍ତେ ଭଡ଼ାରେ ଅଣାଯାଇଥିବା ଘରୋଇ ଗାଡ଼ି ବ୍ୟବହାର କରିପାରିବେ ନାହିଁ । ସେମାନଙ୍କର ଏହି ଗସ୍ତ ସମୟରେ ସରକାରୀ ଅଫିସରମାନଙ୍କର କାର୍ଯ୍ୟ କେବଳ ଆଇନଶୃଙ୍ଖଳା ରକ୍ଷା କରିବା ଓ ଉପରୋକ୍ତ ପଦାଧିକାରୀଙ୍କୁ ନିୟମାନୁଯାୟୀ ନିରାପତ୍ତା ଯୋଗାଇ ଦେବାରେ ସୀମିତ ରହିବ ।

(୩) କାର୍ଯ୍ୟକାରୀ ଅବସ୍ଥାରେ ଥିବା ସାଧାରଣ ଉନ୍ନୟନ କାର୍ଯ୍ୟ ଏବଂ ଯୋଜନାମାନ, ରିଲିଫ୍ ଓ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା କ୍ଷତିଗ୍ରସ୍ତ ଅଞ୍ଚଳର ପୁନରୁଦ୍ଧାର କାର୍ଯ୍ୟ, ମରୁଡି ପ୍ରପୀଡ଼ିତ ଅଞ୍ଚଳରେ ଶ୍ରମ ଭିତ୍ତିକ କାର୍ଯ୍ୟକ୍ରମ ଏବଂ ବିଧାନସଭା ଦ୍ୱାରା ଖର୍ଚ୍ଚ ଅନୁମୋଦିତ ହୋଇଥିବା କାର୍ଯ୍ୟଗୁଡିକ ଚାଲୁ ରହିବ । କୌଣସି ନୂତନ କାର୍ଯ୍ୟକ୍ରମ, ଯୋଜନା ଓ ପ୍ରକଳ୍ପ ଆରମ୍ଭ କରାଯାଇ ପାରିବ ନାହିଁ କିମ୍ବା ସରକାରଙ୍କ ଦ୍ୱାରା କୌଣସି ପ୍ରକାର ଆର୍ଥିକ ପ୍ରୋତ୍ସାହନ ସଂକ୍ରାନ୍ତୀୟ ପ୍ରତିଶ୍ରୁତି ବା ଘୋଷଣା, ଯାହାକି କ୍ଷମତାସୀନ ଦଳ/ଦଳ ମାନଙ୍କର ପ୍ରାର୍ଥୀଙ୍କ ବିଜୟ ସମ୍ଭାବନାକୁ ବୃଦ୍ଧି କରିବାରେ ସହାୟକ ହେଉଥିବ, କରାଯାଇ ପାରିବ ନାହିଁ ।

ସରକାରଙ୍କ ଦ୍ୱାରା ଭୋଟରଙ୍କୁ ପ୍ରଭାବିତ କଲାଭଳି କୌଣସି ନୀତିଗତ ନିଷ୍ପତ୍ତି ଗ୍ରହଣ ବା ଘୋଷଣାନାମା ଜାରୀ କରାଯିବ ନାହିଁ ।

କୌଣସି ସରକାରୀ ବିଭାଗ କିମ୍ବା ପୌର ସଂସ୍ଥା ଦ୍ୱାରା ବଜେଟରେ ଅନୁମୋଦନ ଲାଭକରି କୌଣସି କାର୍ଯ୍ୟ ଆଦେଶନାମା ନିର୍ବାଚନ ବିଜ୍ଞପ୍ତି ପୂର୍ବରୁ ଜାରି ହୋଇ ଯଦି ପ୍ରକୃତରେ କାମ ଆରମ୍ଭ ହୋଇ ନ ଥାଏ ତେବେ ଆଦର୍ଶ ଆଚରଣ ବିଧି ବଳବତ୍ତର ଥିବା ସମୟରେ ତାହା ଆରମ୍ଭ ହୋଇପାରିବ ନାହିଁ ।

ଏ କ୍ଷେତ୍ରରେ କୌଣସି ସଂଦେହ ଉପୁଜିଲେ ରାଜ୍ୟ ନିର୍ବାଚନ କମିଶନଙ୍କଠାରୁ ସ୍ପଷ୍ଟୀକରଣ ଲୋଡ଼ିବାକୁ ପରାମର୍ଶ ଦିଆଯାଉଅଛି ।

(୪) କୌଣସି ପୌର ନିର୍ବାଚନମଣ୍ଡଳୀରେ ସରକାରଙ୍କ ଦ୍ୱାରା ଅଥବା ପାର୍ଲିଆମେଣ୍ଟ ଓ ବିଧାନସଭା ସଦସ୍ୟଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ସମ୍ପୂର୍ଣ୍ଣ ବା ଆଂଶିକ ଆର୍ଥିକ ସହାୟତାରେ କାର୍ଯ୍ୟକାରୀ ହେଉଥିବା ଯୋଜନା, ପ୍ରକଳ୍ପ ବା କାର୍ଯ୍ୟର ଭୂମି ପୂଜା, ଭିତ୍ତିପ୍ରସ୍ତର ସ୍ଥାପନ ବା ଉଦ୍‌ଘାଟନ ଆଦି ଉତ୍ସବ, ମନ୍ତ୍ରୀ ବା କୌଣସି ପଦବୀଧାରୀଙ୍କ ଦ୍ୱାରା କରାଯାଇପାରିବ ନାହିଁ । ପୌରାଞ୍ଚଳ ଅଧିବାସୀଙ୍କ ନିମନ୍ତେ ମୁଖ୍ୟତଃ ଉଦ୍ଦିଷ୍ଟ ଯଦି କୌଣସି କାର୍ଯ୍ୟ, ପ୍ରକଳ୍ପ ବା ଯୋଜନା ସମ୍ବନ୍ଧୀୟ ଉତ୍ସବାନୁଷ୍ଠାନ ସହରାଞ୍ଚଳ ସୀମା ବାହାରେ ଆୟୋଜନ କରାଯାଉଥାଏ, ସେପରି କ୍ଷେତ୍ରରେ ମଧ୍ୟ ଏହିଭଳି ଉତ୍ସବାନୁଷ୍ଠାନ ନିଷିଦ୍ଧ ।

ପାର୍ଲିଆମେଣ୍ଟ ଓ ବିଧାନସଭା ସଦସ୍ୟଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ଆର୍ଥିକ ସହାୟତାରେ କାର୍ଯ୍ୟକାରୀ ହେଉଥିବା ଯୋଜନା ପାଇଁ ଆଚରଣ ବିଧି ବଳବତ୍ତର ଥିବା ସମୟରେ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ କୌଣସି ପ୍ରତିଶ୍ରୁତି କିମ୍ବା ପ୍ରସ୍ତାବ ଦିଆଯାଇପାରିବ ନାହିଁ ।

(୫) ସହରାଞ୍ଚଳରେ ଅବସ୍ଥିତ ଅତିଥି ଭବନ, ଡାକ ବଙ୍ଗଳା, ସର୍କିଟ୍ ହାଉସ୍, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସଂସ୍ଥା ଦ୍ୱାରା ପରିଚାଳିତ ଅତିଥିଶାଳା କୌଣସି କେନ୍ଦ୍ର ବା ରାଜ୍ୟ ମନ୍ତ୍ରୀ, ପାର୍ଲାମେଣ୍ଟ ବା ବିଧାନସଭା ସଦସ୍ୟ କିମ୍ବା ରାଜନୈତିକ ଦଳର ନେତା ବା ପ୍ରାର୍ଥୀଙ୍କୁ ନିର୍ବାଚନ ଘୋଷଣା ଠାରୁ ଶେଷ ପର୍ଯ୍ୟନ୍ତ ଦିଆଯିବ ନାହିଁ ।

ତେବେ Z ବର୍ଗ ସୁରକ୍ଷା ପରିସରଭୁକ୍ତ ସମସ୍ତ ରାଜନୈତିକ କର୍ମକର୍ତ୍ତାମାନଙ୍କୁ ନିରପେକ୍ଷ ଭାବରେ ଏହି ସୁବିଧା ପ୍ରଦାନ କରାଯାଇପାରିବ । ପରନ୍ତୁ ସେହି ସୁବିଧା କୌଣସି ପର୍ଯ୍ୟବେକ୍ଷକ ବା ନିର୍ବାଚନରେ ନିଯୁକ୍ତ କର୍ମଚାରୀଙ୍କୁ ଦିଆଯାଇ ନ ଥିବ । ଏହି

ରାଜନୈତିକ କର୍ମକର୍ତ୍ତାମାନେ ଏପରି ସୁବିଧାକୁ କୌଣସି ରାଜନୈତିକ କାର୍ଯ୍ୟକଳାପ ପାଇଁ ବ୍ୟବହାର କରିପାରିବେ ନାହିଁ ।

(୬) ଏପରିକି ଯଦିଓ ଗ୍ରାମାଞ୍ଚଳରେ ଅବସ୍ଥିତ ଅତିଥି ଭବନ, ଡାକ ବଙ୍ଗଳା, ସର୍କିଟ୍ ହାଉସ୍, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଅତିଥି ଭବନ, ଜିଲ୍ଲା ପରିଷଦ ଅତିଥି ଭବନ ଇତ୍ୟାଦି ବିଭିନ୍ନ ରାଜନୈତିକ କର୍ମକର୍ତ୍ତାମାନଙ୍କୁ ନିର୍ବାଚନ ଆଚରଣ ବିଧି ବଳବତ୍ତର ଥିବା ସମୟରେ ଦିଆଯାଇ ପାରିବ କିନ୍ତୁ କୌଣସି କର୍ମକର୍ତ୍ତା ଏହି ସୁବିଧାକୁ ପୌର ନିର୍ବାଚନ ପ୍ରଚାର ଓ ପ୍ରସାର କାର୍ଯ୍ୟରେ ବ୍ୟବହାର କରିପାରିବେ ନାହିଁ ।

(୭) ଭୋଟରମାନଙ୍କୁ ନିର୍ବାଚନରେ ପ୍ରଭାବିତ କରିବା ଭଳି ବିଜ୍ଞାପନ ବା ପ୍ରଶସ୍ତି ପତ୍ର କେନ୍ଦ୍ର କିମ୍ବା ରାଜ୍ୟ ସରକାର ଅଥବା କୌଣସି ସରକାରୀ ଉଦ୍ୟୋଗ, ସମବାୟ ସମିତି ବା ସରକାରୀ ନିଗମ ପ୍ରକାଶ କରିପାରିବେ ନାହିଁ ।

(୮) କୌଣସି ରାଜନୈତିକ ଦଳ ଗଣମାଧ୍ୟମକୁ ଅନ୍ୟ ଦଳର ନେତା ତଥା ପ୍ରାର୍ଥୀମାନଙ୍କର ଚରିତ୍ର ସଂହାର ପାଇଁ ବ୍ୟବହାର କରିବାରୁ ନିବୃତ୍ତ ରହିବେ ।

(୯) ପଞ୍ଚାୟତିରାଜ ଅନୁଷ୍ଠାନ, ପୌରପାଳିକା, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ନିଗମ ଏବଂ ସମବାୟ ସମିତିର ବିଭିନ୍ନ ପଦ ପଦବୀରେ ଥିବା ବ୍ୟକ୍ତିମାନେ ସେମାନଙ୍କର ସରକାରୀ ପଦବୀ ବ୍ୟବହାର ପୂର୍ବକ କୌଣସି ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ଗଣମାଧ୍ୟମରେ ବିଜ୍ଞାପନ ଦେଇପାରିବେ ନାହିଁ । ତେବେ ସେମାନେ ସରକାରୀ ପଦବୀ ବ୍ୟବହାର ନ କରି ବ୍ୟକ୍ତିଗତ ଭାବେ ବିଜ୍ଞାପନ ଦେଇପାରିବେ ।

(୧୦) ଏହି ପରିଚ୍ଛେଦ ଅନ୍ତର୍ଗତ ସମସ୍ତ ନିର୍ଦ୍ଦେଶ ଓ କଟକଣା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମନ୍ତ୍ରୀ, ସରକାରୀ ନିଗମ ଓ କମ୍ପାନୀଗୁଡ଼ିକର ବେସରକାରୀ ଅଧ୍ୟକ୍ଷ ଓ ନିର୍ଦ୍ଦେଶକ, ପଞ୍ଚାୟତିରାଜ ଅନୁଷ୍ଠାନ, ପୌର ପରିଷଦମାନଙ୍କର ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ, ଏବଂ ଶୀର୍ଷ ସମବାୟ ସମିତି ସମେତ ଅନ୍ୟ ସମସ୍ତ ସମବାୟ ସମିତିର ଅଧ୍ୟକ୍ଷ ଏବଂ ସରକାରୀ ଅର୍ଥ ବିନିଯୋଗ ହୋଇଥିବା କିମ୍ବା ସରକାରୀ ଅର୍ଥ ଅନୁଦାନ ପାଉଥିବା ସମସ୍ତ ସଂସ୍ଥା ଓ ତା'ର କର୍ତ୍ତୃପକ୍ଷଙ୍କ କ୍ଷେତ୍ରରେ ଲାଗୁ ହେବ ।

## ପରିଚ୍ଛେଦ-୫

## ସରକାରୀ କର୍ମଚାରୀ

(୧) ଜଣେ ସରକାରୀ କର୍ମଚାରୀ ନିର୍ବାଚନ ସମୟରେ ସଂପୂର୍ଣ୍ଣ ନିରପେକ୍ଷତା ଅବଲମ୍ବନ କରିବେ ଓ ସେ କୌଣସି ରାଜନୈତିକ ଦଳ ସପକ୍ଷ ବା ବିରୁଦ୍ଧରେ ନିର୍ବାଚନ ପ୍ରଚାର କରିବେ ନାହିଁ ।

(୨) କୌଣସି ସରକାରୀ କର୍ମଚାରୀ କୌଣସି ପ୍ରାର୍ଥୀଙ୍କୁ ଚାନ୍ଦା ଦେବେ ନାହିଁ କିମ୍ବା କୌଣସି ପ୍ରକାର ସାହାଯ୍ୟ କରିବେ ନାହିଁ ।

(୩) କୌଣସି ସରକାରୀ କର୍ମଚାରୀ କୌଣସି ପ୍ରାର୍ଥୀଙ୍କ ସଭାସମିତିରେ ଭାଷଣ ଦେବେ ନାହିଁ କିମ୍ବା ସକ୍ରିୟ ଭାବରେ ଭାଗ ନେବେ ନାହିଁ । ପୁନଶ୍ଚ କୌଣସି ପ୍ରାର୍ଥୀଙ୍କ ସଭାସମିତିରେ ସରକାରୀ କର୍ମଚାରୀଙ୍କର ବାରମ୍ବାର କିମ୍ବା ନିୟମିତ ଉପସ୍ଥିତି ସେହି ପ୍ରାର୍ଥୀଙ୍କୁ ସାହାଯ୍ୟ କରୁଥିବା ଧାରଣା ସୃଷ୍ଟି କରିବ, ଯାହା ତାଙ୍କର ଆଚରଣବିଧିର ପରିପନ୍ଥୀ ।

(୪) କୌଣସି ସରକାରୀ କର୍ମଚାରୀ ନିରାପତ୍ତା ସଂକ୍ରାନ୍ତୀୟ ଦାୟିତ୍ୱ ବ୍ୟତୀତ କୌଣସି ମନ୍ତ୍ରୀ ବା ରାଜନୈତିକ କର୍ମକର୍ତ୍ତାଙ୍କ ନିର୍ବାଚନ ପ୍ରଚାର ସମୟରେ ସାଙ୍ଗରେ ରହିବେ ନାହିଁ ।

(୫) ପୋଲିସ କର୍ମଚାରୀମାନେ ଶାନ୍ତିଶୃଙ୍ଖଳା ବଜାୟ ରଖିବାପାଇଁ ନିୟୋଜିତ ହୋଇଥିଲେ ପ୍ରାର୍ଥୀମାନଙ୍କ ସଭା ସମିତିରେ ଯୋଗ ଦେଉଛନ୍ତି ବୋଲି ଅର୍ଥ କରାଯିବ ନାହିଁ ।

(୬) ପ୍ରତ୍ୟେକ ସରକାରୀ କର୍ମଚାରୀ ଦୈନନ୍ଦିନ ସରକାରୀ କାର୍ଯ୍ୟ ସମ୍ପାଦନ ସମୟରେ ବିଭିନ୍ନ ରାଜନୈତିକ ଦଳପ୍ରତି ନିରପେକ୍ଷତା ଅବଲମ୍ବନ କରିବେ । ବିଭିନ୍ନ ରାଜନୈତିକଗୋଷ୍ଠୀ, ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ କିମ୍ବା ତାଙ୍କ ସମର୍ଥକଙ୍କ ତରଫରୁ ମାମଲା ଦାଏର କରାଗଲେ ପୋଲିସ ନିରପେକ୍ଷ ତଥା ତତ୍ପର ପଦକ୍ଷେପ ନେବା ଆବଶ୍ୟକ ।

(୭) କୌଣସି ସରକାରୀ କର୍ମଚାରୀ ଆଚରଣ ବିଧି ଉଲଂଘନ କଲେ ତାଙ୍କ ବିରୁଦ୍ଧରେ ଓଡ଼ିଶା ସିଭିଲ୍ ସର୍ଭିସ୍ (ଶ୍ରେଣୀକରଣ, ନିୟନ୍ତ୍ରଣ ଓ ପ୍ରାର୍ଥନା) ନିୟମାବଳୀ, ୧୯୬୨ର ନିୟମ ୧୫ ଅନୁଯାୟୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଫୌଜଦାରୀ ଆଇନରେ ମଧ୍ୟ ସମବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ବ୍ୟବସ୍ଥା ରହିଛି ।

ପରିଚ୍ଛେଦ-୬

## ଦୁର୍ନୀତିମୂଳକ ପନ୍ଥା

## ଓଡ଼ିଶା ପୌରପାଳିକା ଅଧିନିୟମ, 1950

**ଧାରା ୨୮**—ଜଣେ ବ୍ୟକ୍ତି ଦୁର୍ନୀତିମୂଳକ ପନ୍ଥା ଅବଲମ୍ବନ କରିଛନ୍ତି ବୋଲି ବିବେଚନା କରାଯିବ, ଯଦି ସେ ନିଜେ ଅଥବା ଅନ୍ୟ କାହାଦ୍ୱାରା ପ୍ରତ୍ୟକ୍ଷ ବା ପରୋକ୍ଷଭାବେ—

(କ) କୌଣସି ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଦେବା ପାଇଁ ଅଥବା ନଦେବାପାଇଁ କୌଣସି ଭୋଟରଙ୍କୁ ଏଥି ସକାଶେ ପ୍ରବର୍ତ୍ତାନ୍ତି, ଜାଲିଆତି କରି ପ୍ରଭାବିତ କରନ୍ତି, ଜାଣିଶୁଣି ଭ୍ରାନ୍ତ ଧାରଣା ସୃଷ୍ଟି କରାନ୍ତି, ବଳପ୍ରୟୋଗ ବା ଆଘାତ କରିବା ଆଦି ଭୟ ଦେଖାନ୍ତି ;

(ଖ) କୌଣସି ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଦେବାପାଇଁ ଅଥବା ନଦେବାପାଇଁ କୌଣସି ଭୋଟରଙ୍କୁ ଏହି ଉଦ୍ଦେଶ୍ୟରେ ଅର୍ଥ ଅଥବା ମୂଲ୍ୟବାନ ଧନସମ୍ପତ୍ତି ଅଥବା ଚାକିରି, ପଦବୀ, ବ୍ୟକ୍ତିଗତ ସୁଖସୁବିଧା, ଆଧ୍ୟାତ୍ମିକ ଉନ୍ନତି ଇତ୍ୟାଦିର ପ୍ରଲୋଭନ ଦେଖାନ୍ତି ;

(ଗ) ନିର୍ବାଚନ ଉଦ୍ଦେଶ୍ୟରେ ପ୍ରଭାବିତ କରିବାପାଇଁ କୌଣସି ପ୍ରାର୍ଥୀ ବା ଭୋଟର ଦୈବୀ କ୍ରୋଧର ଶିକାର ହେବେ ବା ତାଙ୍କର ଆଧ୍ୟାତ୍ମିକ ଅବନତି ଦେଖାଦେବ, ଏହିପରି ବିଶ୍ୱାସ ସେପରି ପ୍ରାର୍ଥୀ ବା ଭୋଟରଙ୍କଠାରେ ଜାତ କରାଇବାପାଇଁ ଉଦ୍ୟମ କରନ୍ତି ବା ଉଦ୍ୟମ କରିବାକୁ ପ୍ରବର୍ତ୍ତାନ୍ତି ;

(ଘ) ନିର୍ବାଚନ ଉଦ୍ଦେଶ୍ୟରେ ପ୍ରଭାବିତ କରିବାପାଇଁ କୌଣସି ପ୍ରାର୍ଥୀ ବା ଭୋଟରଙ୍କୁ ସାମାଜିକ ବାସନ୍ଦ କରାଯିବାର ଭୟ ଦେଖାନ୍ତି ଅଥବା ସେପରି ଉଦ୍ୟମ କରନ୍ତି ;

(ଙ) କୌଣସି ବ୍ୟକ୍ତିଙ୍କୁ ଅନ୍ୟ ଜଣକ ନାମରେ ଭୋଟ ଦେବାପାଇଁ ନିୟୋଜିତ କରିବା, ପ୍ରବର୍ତ୍ତାଇବା ଅଥବା ସେଥିପାଇଁ ଉଦ୍ୟମ କରିବା ;

(ଚ) ଭୋଟରମାନଙ୍କୁ ନିର୍ବାଚନ କେନ୍ଦ୍ରକୁ ଭୋଟଦାନ ଉଦ୍ଦେଶ୍ୟରେ ନେବା ଆଣିବା ପାଇଁ ଗାଡି, ଘୋଡା, ଜନ୍ତୁ ଇତ୍ୟାଦି ଯାନବାହନମାନଙ୍କୁ ଭଡାରେ ଆଣି ସେପରି ଭଡା ପରିଶୋଧ କରନ୍ତି ଅଥବା ଭଡା ପରିଶୋଧ କରିବା ପାଇଁ ପ୍ରତିଶ୍ରୁତି ଦିଅନ୍ତି । ଭଡାରେ ଲାଗୁଥିବା ଗାଡି, ଘୋଡା ଇତ୍ୟାଦିର ମାଲିକ ଅଥବା ତାଙ୍କର କର୍ମଚାରୀମାନେ ଭୋଟଦେବା ପାଇଁ ସେପରି ଗାଡ଼ି, ଘୋଡ଼ା ଆଦିରେ ଯିବାଆସିବା ଏଥି ମଧ୍ୟରେ ଅନ୍ତର୍ଭୁକ୍ତ ନୁହେଁ ।

ଉଲ୍ଲେଖ ଥାଉକି, କୌଣସି ଭୋଟର ବା ଭୋଟରମାନେ ଭୋଟ କେନ୍ଦ୍ରକୁ ନିଜର ଯିବାଆସିବାପାଇଁ କୌଣସି ଯାନବାହାନ ଆଦିକୁ ଭଡ଼ାରେ ବ୍ୟବହାର କଲେ ସେଥିପ୍ରତି କଥିତ ପ୍ରକରଣର ବ୍ୟବସ୍ଥା ଲାଗୁ ହେବ ନାହିଁ ;

(ଛ) କୌଣସି ପ୍ରାର୍ଥୀଙ୍କ ପ୍ରାର୍ଥୀତ୍ୱ ପ୍ରତ୍ୟାହାର ପାଇଁ ତାଙ୍କୁ ଅର୍ଥ ବା ମୂଲ୍ୟବାନ ଧନସମ୍ପତ୍ତି ଦେବାପାଇଁ ପ୍ରଲୋଭିତ କରନ୍ତି ବା ଉଦ୍ୟମ କରନ୍ତି କିମ୍ବା ନିଜେ ଜଣେ ପ୍ରାର୍ଥୀ ଥାଇ ମଧ୍ୟ ଅର୍ଥ ବା ମୂଲ୍ୟବାନ ଧନସମ୍ପତ୍ତିମାନ ଅନ୍ୟଠାରୁ ସେପରି ଉଦ୍ଦେଶ୍ୟରେ ଗ୍ରହଣ କରନ୍ତି ;

(ଜ) ଭାରତୀୟ ଦଣ୍ଡବିଧି ଆଇନ୍, ୧୮୬୦ର ପ୍ରକରଣ (କ), (ଖ), (ଗ), (ଘ), (ଙ), (ଚ), (ଛ) ବର୍ଣ୍ଣିତ କର୍ମମାନଙ୍କ ମଧ୍ୟରୁ କୌଣସି ଏକ କର୍ମ କରିବା ପାଇଁ ଅନ୍ୟ କାହାକୁ ପ୍ରବର୍ତ୍ତାନ୍ତି ।

**ସ୍ପଷ୍ଟୀକରଣ** (Explanation)—(୧) "କୌଣସି ବ୍ୟକ୍ତିଙ୍କୁ ବ୍ୟକ୍ତିଗତ ସୁଖସୁବିଧା ଆଦି ଯୋଗାଇ ଦେବାପାଇଁ ପ୍ରତିଶ୍ରୁତି" ଦେବା (A promise of individual advantage or profit to a person) କହିଲେ, ଏଥି ମଧ୍ୟରେ ସଂପୃକ୍ତ ବ୍ୟକ୍ତିଙ୍କୁ ତାଙ୍କ ନିଜପାଇଁ ଅଥବା ଅନ୍ୟ କୌଣସି ବ୍ୟକ୍ତି ଯାହାଙ୍କ ପାଇଁ ସେ ଆଗ୍ରହୀ ସେପରି ବ୍ୟକ୍ତିଙ୍କ ପାଇଁ ସୁଖସୁବିଧା ଆଦି ଯୋଗାଇ ଦେବାପାଇଁ ପ୍ରତିଶ୍ରୁତି ଦିଆଯିବା ଅନ୍ତର୍ଭୁକ୍ତ ହେବ, ମାତ୍ର ପୌରସଭାର କୌଣସି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ଉଦ୍ଦେଶ୍ୟରେ ଅଥବା ପୌରସଭାର କୌଣସି କାର୍ଯ୍ୟର ସପକ୍ଷ ବା ବିପକ୍ଷରେ ଭୋଟ ଦେବା ଉଦ୍ଦେଶ୍ୟରେ ବ୍ୟକ୍ତିଗତ ସୁବିଧା ଆଦି ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେବା ଏଥି ମଧ୍ୟରେ ଅନ୍ତର୍ଭୁକ୍ତ ହେବ ନାହିଁ ;

(୨) ଧାର୍ଯ୍ୟ ନିୟମାନୁଯାୟୀ ନିର୍ବାଚନରେ ଜଣେ ପ୍ରାର୍ଥୀଙ୍କଠାରୁ ପାରିଶ୍ରମିକ ଗ୍ରହଣ କରି ଯେଉଁ ବ୍ୟକ୍ତିମାନେ ତାଙ୍କର ଏଜେଣ୍ଟ, କ୍ଲର୍କ ବା ବାର୍ତ୍ତାବହରୂପେ କାର୍ଯ୍ୟ କରନ୍ତି, ସେପରି ଭାବେ ନିଯୁକ୍ତି ପାଇଥିଲେ ମଧ୍ୟ ଉକ୍ତ ବ୍ୟକ୍ତିମାନେ ଏହି ଧାରା ମଧ୍ୟରେ ଅନ୍ତର୍ଭୁକ୍ତ ନୁହଁନ୍ତି ;

(୩) ଯଦି ନିର୍ବାଚନରେ ପ୍ରାର୍ଥୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜ୍ଞାତସାରରେ ଅଥବା ସମ୍ମତି ସହ କୌଣସି ପ୍ରକାର

ଲାଗୁ ହେଉଥିବା କୌଣସି ନିର୍ବାଚନରେ ଭୋଟ ଦେବା, ନିର୍ବାଚିତ ହେବା କିମ୍ବା ପୌରପାଳିକାର ପଦବୀ ଧାରଣ ପାଇଁ ଅଯୋଗ୍ୟ ବିବେଚିତ ହେବେ ।

**ଧାରା ୩୦**—(୧) ଯଦି କୌଣସି ବ୍ୟକ୍ତି କୌଣସି ଏକ ପୌର ନିର୍ବାଚନରେ ମିଥ୍ୟା ଯୋଗ୍ୟତା ଦାବିକରି କିମ୍ବା ମିଥ୍ୟା କାଗଜପତ୍ର ବ୍ୟବହାର କରି କିମ୍ବା ମିଥ୍ୟା ଘୋଷଣା କରି ଅଥବା ଅନ୍ୟ କୌଣସି ପ୍ରବଞ୍ଚନାତ୍ମକ ପନ୍ଥାରେ ତାଙ୍କ ନିଜ ନାମ କିମ୍ବା ଅନ୍ୟ କୌଣସି ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରେ ଦରଜ କରିବାକୁ କିମ୍ବା କୌଣସି ନାମ ଭୋଟର ତାଲିକାରୁ ବାଦ ଦେବାକୁ ଚେଷ୍ଟା କରନ୍ତି ତେବେ ସେ ସର୍ବାଧିକ ୩ ମାସ ଜେଲଦଣ୍ଡରେ ବା ଜୋରିମାନା ଦଣ୍ଡରେ କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ ହେବେ ।

(୨) ଏହି ଅଧିନିୟମର ଧାରା ୧୩ ଅନୁଯାୟୀ ଭୋଟର ତାଲିକା ପ୍ରସ୍ତୁତ କାର୍ଯ୍ୟରେ ନିୟୋଜିତ ପ୍ରତ୍ୟେକ ପୌର ଅଧିକାରୀ କିମ୍ବା କର୍ମଚାରୀ, ପୋଲିଂ ଅଫିସର କିମ୍ବା ଅନ୍ୟ କୌଣସି ନିର୍ବାଚନ ଅଧିକାରୀ ନିଜ ଜ୍ଞାତସାରରେ ଯଦି ଭୋଟର ତାଲିକାରେ କୌଣସି ଅନୁଚିତ ନାମ ଦରଜ କରନ୍ତି କିମ୍ବା କୌଣସି ନାମ ବାଦ୍ ଦିଅନ୍ତି ତେବେ ସେ ସର୍ବାଧିକ ୬ ମାସ ଜେଲଦଣ୍ଡରେ ବା ଜୋରିମାନା ଦଣ୍ଡରେ କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ ହେବେ ।

**ଧାରା ୩୧**—ନିର୍ବାଚନ ପ୍ରକ୍ରିୟା ଚାଲିଥିବା ବେଳେ ପ୍ରତ୍ୟେକ ବ୍ୟକ୍ତି ଯଦି ଭୋଟ କାଗଜ କିମ୍ବା ମନୋନୟନ ପତ୍ରକୁ ଜାଲିଆତି କରି କିମ୍ବା ନଷ୍ଟକରି କିମ୍ବା ବଦଳକରି କିମ୍ବା ଅନ୍ୟ କୌଣସି କାର୍ଯ୍ୟକରି କୌଣସି ଏକ ନିର୍ବାଚନ ରେକର୍ଡ଼ ଜାଲିଆତି କରନ୍ତି ଅଥବା ଜାଲିଆତି କରିବା ପାଇଁ ଚେଷ୍ଟା କରନ୍ତି, ତେବେ ସେ ସର୍ବାଧିକ ୧ ବର୍ଷ ଜେଲଦଣ୍ଡରେ ବା ଜୋରିମାନା ଦଣ୍ଡରେ କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ ହେବେ ।

**ଧାରା ୩୨**—(୧) କୌଣସି ବ୍ୟକ୍ତି ଏକ ନିର୍ବାଚନରେ ଥରେ ଭୋଟ ଦେଇସାରି କିମ୍ବା ଏକ ନିର୍ବାଚନ ୱାର୍ଡ଼ର ଭୋଟର ତାଲିକାରେ ତାଙ୍କ ନାମ ନ ଥିବା ଜାଣି ଯଦି ଭୋଟ କାଗଜ ପାଇଁ ଆବେଦନ କରନ୍ତି ତେବେ ସେ ସର୍ବାଧିକ ୧ ବର୍ଷ ଜେଲଦଣ୍ଡରେ ବା ଜୋରିମାନା ଦଣ୍ଡରେ କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ ହେବେ ।

(୨) କୌଣସି ବ୍ୟକ୍ତି ଯଦି ଜୀବିତ କିମ୍ବା ମୃତ କିମ୍ବା ଅନ୍ୟ କୌଣସି କାଳ୍ପନିକ ବ୍ୟକ୍ତିଙ୍କ ନାମରେ ଭୋଟ ଦେବାପାଇଁ ଭୋଟ କାଗଜ ନିମନ୍ତେ ଆବେଦନ କରନ୍ତି ତେବେ ଉପଧାରା (୧)ରେ ନିର୍ଦ୍ଧାରିତ ଦଣ୍ଡରେ ଦଣ୍ଡିତ ହେବେ ।

**ଧାରା ୩୩**—ଭୋଟଗ୍ରହଣ କେନ୍ଦ୍ରରେ ଉପସ୍ଥିତ କୌଣସି ପ୍ରିଜାଇଡିଂ ଅଫିସର, ପୋଲିଂ ଅଫିସର, କିରାଣୀ କିମ୍ବା ଅନ୍ୟ କୌଣସି ବ୍ୟକ୍ତି ଆଇନ ଦ୍ୱାରା ପ୍ରାଧିକୃତ କେତେକ ଉଦ୍ଦେଶ୍ୟରେ ପ୍ରଦାନ କରାଯାଉଥିବା ସୂଚନା ବ୍ୟତୀତ ଯଦି କୌଣସି ବ୍ୟକ୍ତିଙ୍କୁ କୌଣସି ଭୋଟରର କୌଣସି ପ୍ରାର୍ଥୀକୁ ଭୋଟଦାନ ସଂକ୍ରାନ୍ତୀୟ ସୂଚନା ଦିଅନ୍ତି ଏବଂ କୌଣସି ବ୍ୟକ୍ତି ଅନୁଚିତ ପନ୍ଥାରେ ଏହିପରି ସୂଚନା ସଂଗ୍ରହ କରନ୍ତି ତେବେ ତାଙ୍କୁ ଉଭୟ ବର୍ଣ୍ଣନୀୟ କାରାଦଣ୍ଡ ମଧ୍ୟରୁ ସର୍ବାଧିକ ୬ ମାସ ଜେଲ ଦଣ୍ଡରେ ବା ଜୋରିମାନା ଦଣ୍ଡରେ କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ କରାଯିବ ।

## ଓଡିଶା ପୌର ନିଗମ ଅଧିନିୟମ, 2003

**ଧାରା ୧୦୨**—(୧) ଏକ ନିର୍ବାଚନରେ କୌଣସି ବ୍ୟକ୍ତି—

(କ) କୌଣସି ମନୋନୟନ ପତ୍ର ପ୍ରତାରଣା ପୂର୍ବକ ବିକୃତ କିମ୍ବା ନଷ୍ଟ କରିବେ ନାହିଁ ।

(ଖ) ନିର୍ବାଚନ ଅଧିକାରୀଙ୍କଦ୍ୱାରା ଲଗାଯାଇଥିବା କୌଣସି ତାଲିକା, ବିଜ୍ଞାପନ, ଅନ୍ୟାନ୍ୟ ଦଲିଲ ଓ ଦସ୍ତାବିଜକୁ ଚଞ୍ଚକତାକ୍ରମେ ବା ପ୍ରତାରଣା ପୂର୍ବକ ବିକୃତ, ନଷ୍ଟ କିମ୍ବା ଅପସାରଣ କରିବେ ନାହିଁ ।

(ଗ) କୌଣସି ଭୋଟ କାଗଜ କିମ୍ବା ସରକାରୀ ମୋହର ଥିବା ଭୋଟ କାଗଜ ପ୍ରତାରଣା ପୂର୍ବକ ବିକୃତ କିମ୍ବା ନଷ୍ଟ କରିବେ ନାହିଁ ।

(ଘ) ପ୍ରାଧିକାର ନ ଥାଇ କୌଣସି ଭୋଟ କାଗଜ (ballot paper)କୁ କୌଣସି ବ୍ୟକ୍ତିଙ୍କୁ ଯୋଗାଇବେ ନାହିଁ ଅଥବା ଭୋଟ କାଗଜ କୌଣସି ବ୍ୟକ୍ତିଙ୍କଠାରୁ ଗ୍ରହଣ କରିବେ ନାହିଁ କିମ୍ବା କୌଣସି ଭୋଟ କାଗଜ ନିଜ ପାଖରେ ରଖିବେ ନାହିଁ ।

(ଙ) ଆଇନ ଦ୍ୱାରା ପ୍ରାଧିକୃତ ଭୋଟ କାଗଜ ବ୍ୟତୀତ ଅନ୍ୟ କିଛି ଚଞ୍ଚକତାକ୍ରମେ ଭୋଟ ବାକ୍ସରେ ପକାଇବେ ନାହିଁ ।

(ଚ) ପ୍ରାଧିକାର ନ ଥାଇ ନିର୍ବାଚନ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଥିବା ଭୋଟ କାଗଜ ନଷ୍ଟ କରିବେ ନାହିଁ, ଖୋଲିବେ ନାହିଁ କିମ୍ବା ଅନ୍ୟ କୌଣସି ପ୍ରକାର ହସ୍ତକ୍ଷେପ କରିବେ ନାହିଁ ।

(ଛ) ଚଞ୍ଚକତା ପୂର୍ବକ କିମ୍ବା କ୍ଷମତାପ୍ରାପ୍ତ ନ ହୋଇ ଉପରୋକ୍ତ କୌଣସି କାର୍ଯ୍ୟ କରିବେ ନାହିଁ କିମ୍ବା ସ୍ୱେଚ୍ଛାପୂର୍ବକ କୌଣସି କାର୍ଯ୍ୟ କରିବାରେ ସାହାଯ୍ୟ କରିବେ ନାହିଁ ଅଥବା ଏପରି କୌଣସି କାର୍ଯ୍ୟ କରିବାକୁ କାହାରିକୁ ପ୍ରବର୍ତ୍ତାଇବେ ନାହିଁ ।

(୨) ଉପଧାରା (୧)ରେ ଥିବା ବିଧି ବ୍ୟବସ୍ଥାଗୁଡ଼ିକୁ ଉଲ୍ଲଂଘନ କରୁଥିବା କୌଣସି ବ୍ୟକ୍ତି—

(କ) ଯଦି ନିର୍ବାଚନ ଅଧିକାରୀ କିମ୍ବା କୌଣସି ଭୋଟ କେନ୍ଦ୍ରର ପ୍ରିଜାଇଡିଂ ଅଫିସର କିମ୍ବା ନିର୍ବାଚନ କାର୍ଯ୍ୟରେ ନିଯୁକ୍ତ କୌଣସି ଅଧିକାରୀ କିମ୍ବା କିରାଣୀ ହୋଇଥାନ୍ତି ତେବେ ତାଙ୍କୁ ଉଭୟ ଦଣ୍ଡନୀୟ ଦଣ୍ଡ ମଧ୍ୟରୁ ସର୍ବାଧିକ ୨ ବର୍ଷ ଜେଲ ଦଣ୍ଡରେ ବା ଜୋରିମାନା ଦଣ୍ଡରେ କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ କରାଯିବ ; କିମ୍ବା

(ଖ) ଯଦି ସେ ଅନ୍ୟ କୌଣସି ବ୍ୟକ୍ତି ହୁଅନ୍ତି ତାଙ୍କୁ ଉଭୟ ବର୍ଣ୍ଣନୀୟ ଦଣ୍ଡ ମଧ୍ୟରୁ ସର୍ବାଧିକ ୬ ମାସ କାରାଦଣ୍ଡରେ ବା ଜୋରିମାନା ଦଣ୍ଡରେ କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ କରାଯିବ ।

**ଧାରା ୧୦୪**—ଧାରା ୯୪, ୯୫, ୯୬, ୯୭, ୯୮, ୯୯, ୧୦୦, ୧୦୧ କିମ୍ବା ୧୦୨ କିମ୍ବା ଭାରତୀୟ ପିଙ୍ଗଳ କୋର୍ଡ, ୧୮୬୦ର ପରିଚ୍ଛେଦ-IXAରେ ଦୋଷୀ ସାବ୍ୟସ୍ତ ପ୍ରତ୍ୟେକ ବ୍ୟକ୍ତି ଭୋଟ ଦେବା କିମ୍ବା ଉକ୍ତ ଧାରା ପ୍ରଯୁଜ୍ୟ କୌଣସି ନିର୍ବାଚନରେ ନିର୍ବାଚିତ ହେବା କିମ୍ବା ଦୋଷୀ ସାବ୍ୟସ୍ତ ହେବାଠାରୁ ଦୀର୍ଘ ୫ ବର୍ଷ ପର୍ଯ୍ୟନ୍ତ କର୍ପୋରେଟର ପଦପାଇଁ ଅଯୋଗ୍ୟ ବିବେଚିତ ହେବେ ।

## ଭାରତୀୟ ପିଙ୍ଗଳ କୋର୍ଡର ଉଦ୍ଧୃତାଂଶ

**୧୫୩-କ**—ଧର୍ମ, ଜାତି, ଜନ୍ମସ୍ଥାନ, ଭାଷା ଇତ୍ୟାଦି ଭିତ୍ତିରେ, ବିଭିନ୍ନ ଦଳମଧ୍ୟରେ ଶତ୍ରୁତା ସୃଷ୍ଟି କରିବା ଏବଂ ସଦ୍‌ଭାବ ରକ୍ଷା କରିବାରେ ହାନି ପହଞ୍ଚାଇବା ନିମନ୍ତେ କାର୍ଯ୍ୟ କରିବା : —

(୧) ଯେକୌଣସି ବ୍ୟକ୍ତି ଯଦି —

(କ) ଲିଖିତ କିମ୍ବା କଥିତ ଶବ୍ଦାବଳୀ ଦ୍ୱାରା କିମ୍ବା ସଂକେତ କିମ୍ବା ଦୃଶ୍ୟମାନ ପ୍ରତିନିଧିତ୍ୱ ଦ୍ୱାରା କିମ୍ବା ଅନ୍ୟଥା ଧର୍ମ, ଜାତି, ଜନ୍ମସ୍ଥାନ, ବାସସ୍ଥାନ, ଭାଷା କିମ୍ବା ସଂପ୍ରଦାୟ ଭିତ୍ତିରେ ଅନ୍ୟ କୌଣସି ଭିତ୍ତିରେ, ବିଭିନ୍ନ ଧର୍ମଗତ, ଭାଷାଗତ, ଆଞ୍ଚଳିକ ଦଳ କିମ୍ବା ଜାତି କିମ୍ବା ସଂପ୍ରଦାୟ ମଧ୍ୟରେ ଘୃଣାଭାବ କିମ୍ବା ଶତ୍ରୁତା ସୃଷ୍ଟି କରନ୍ତି କିମ୍ବା ସୃଷ୍ଟି କରିବାକୁ ଚେଷ୍ଟା କରନ୍ତି ; କିମ୍ବା

(ଖ) ଏପରି କୌଣସି କାର୍ଯ୍ୟ କରନ୍ତି ଯାହାକି ବିଭିନ୍ନ ଧର୍ମ, ଜାତି, ଭାଷା କିମ୍ବା ଆଞ୍ଚଳିକ ଦଳ କିମ୍ବା ସଂପ୍ରଦାୟ ମଧ୍ୟରେ ସଦଭାବ ରକ୍ଷାକରିବା ନିମନ୍ତେ ପ୍ରତିକୂଳ ଅଟେ, ଯାହାକି ସର୍ବସାଧାରଣ ଶାନ୍ତିକୁ ନଷ୍ଟ କରେ କିମ୍ବା ନଷ୍ଟ କରିବାର ସମ୍ଭାବନା ଥାଏ; କିମ୍ବା

(ଗ) କୌଣସି ଆନ୍ଦୋଳନ, ଡ୍ରିଲ କିମ୍ବା ସେହିପରି ଅନ୍ୟ କୌଣସି କାର୍ଯ୍ୟାବଳୀ ସଂଗଠନ କରନ୍ତି, ଯାହାର ଉଦ୍ଦେଶ୍ୟ ହେଉଛି, ଏଥିରେ ଅଂଶଗ୍ରହଣକାରୀ ବ୍ୟକ୍ତିମାନେ ଫୌଜଦାରୀ ବଳ କିମ୍ବା ହିଂସା ପ୍ରୟୋଗ କରିବା ନିମନ୍ତେ ତାଲିମପ୍ରାପ୍ତ ହେବେ କିମ୍ବା ଏହା ଜାଣିକରି ଯେ, ଏପରି କାର୍ଯ୍ୟରେ ଅଂଶଗ୍ରହଣ କରିଥିବା ବ୍ୟକ୍ତିମାନେ ଫୌଜଦାରୀ ବଳ କିମ୍ବା ହିଂସା ପ୍ରୟୋଗ କରିବା ସମ୍ଭାବନା ଅଛି

କିମ୍ବା ଏହା ଜାଣିକରି ଯେ, ଏପରି କାର୍ଯ୍ୟରେ ଅଂଶଗ୍ରହଣକାରୀମାନେ କୌଣସି ଧର୍ମ, ଜାତି, ଭାଷା କିମ୍ବା ଆଞ୍ଚଳିକ ଦଳ କିମ୍ବା ସଂପ୍ରଦାୟ ବିରୁଦ୍ଧରେ ଫୌଜଦାରୀ ବଳ ପ୍ରୟୋଗ କରିବେ କିମ୍ବା ଉକ୍ତ ବଳ ପ୍ରୟୋଗ କରିବା ନିମନ୍ତେ ତାଲିମପ୍ରାପ୍ତ ହେବେ ଏବଂ ଏପରି କାର୍ଯ୍ୟକଳାପ, କୌଣସି କାରଣରୁ ଯଦି ଉକ୍ତ ଧର୍ମ, ଜାତି, ଭାଷା କିମ୍ବା ଆଞ୍ଚଳିକ ଦଳ କିମ୍ବା ସଂପ୍ରଦାୟ ମଧ୍ୟରେ ଭୟ କିମ୍ବା ଆଶଂକା ପୂର୍ଣ୍ଣ ଅନୁଭୂତି ସୃଷ୍ଟିକରେ,ତାହେଲେ, ଉକ୍ତ ବ୍ୟକ୍ତିଙ୍କୁ ୩ ବର୍ଷ କାରାଦଣ୍ଡ କିମ୍ବା ଜୋରିମନା କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ କରାଯିବ ।

(୨) ପୂଜାସ୍ଥାନ ଇତ୍ୟାଦିରେ ଅପରାଧ ସଂଗଠିତ ହୋଇଥିଲେ —

ଯଦି କୌଣସି ବ୍ୟକ୍ତି, ଉପଦଫା (୧) ରେ ଉଲ୍ଲିଖିତ କରାଯାଇଥିବା କୌଣସି ଅପରାଧ, କୌଣସି ପୂଜାସ୍ଥାନରେ କିମ୍ବା କୌଣସି ସମ୍ମିଳନୀ ଯାହାକି ଧର୍ମ, ନୈତିକ ପୂଜାରେ ନିଯୁକ୍ତ କିମ୍ବା ଧର୍ମ କାର୍ଯ୍ୟ ବା ଉତ୍ସବରେ କରନ୍ତି, ତାହେଲେ ଉକ୍ତ ବ୍ୟକ୍ତିଙ୍କୁ ୫ ବର୍ଷ କାରାଦଣ୍ଡ ଏବଂ ଜୋରିମନାରେ ଦଣ୍ଡିତ କରାଯିବ ।

**୧୫୩-ଖ**—ଜାତୀୟ ଐକ୍ୟତା ବା ଅଖଣ୍ଡତା ପ୍ରତି କ୍ଷତିକାରକ ଆରୋପ, ଦୃଢୋକ୍ତି :—

(୧) ଯଦି କୌଣସି ବ୍ୟକ୍ତି, ଲିଖିତ କିମ୍ବା କଥିତ ଶବ୍ଦାବଳୀ ଦ୍ୱାରା କିମ୍ବା ସଂକେତ କିମ୍ବା ଦୃଶ୍ୟମାନ ବର୍ଣ୍ଣନା ଦ୍ୱାରା କିମ୍ବା ଅନ୍ୟଥା :—

(କ) କୌଣସି ଆରୋପ କରନ୍ତି କିମ୍ବା ପ୍ରକାଶନ କରନ୍ତି, ଯାହାଫଳରେ କୋଣସି ଶ୍ରେଣୀର ବ୍ୟକ୍ତିମାନେ, ସେମାନେ କୌଣସି ଧର୍ମ, ଜାତି, ଭାଷା, ଆଞ୍ଚଳିକ ଦଳ କିମ୍ବା ସଂପ୍ରଦାୟର ସଦସ୍ୟ ହୋଇଥିବା କାରଣରୁ ଆଇନ ଦ୍ୱାରା ପ୍ରଣୟନ କରାଯାଇଥିବା ଭାରତୀୟ ସଂବିଧାନ ପ୍ରତି ସେମାନଙ୍କର ପ୍ରକୃତ ବିଶ୍ୱାସ ଏବଂ ଆନୁଗତ୍ୟ ପ୍ରକାଶ କରିପାରିବେ ନାହିଁ କିମ୍ବା ଭାରତର ସାର୍ବଭୌମତ୍ୱ ଏବଂ ଏକତା ରକ୍ଷା କରିପାରିବେ ନାହିଁ ; କିମ୍ବା

(ଖ) ଦୃଢଭାବେ ଘୋଷଣା କରନ୍ତି, ଉପଦେଶ ଦିଅନ୍ତି, ପ୍ରସାର କରନ୍ତି କିମ୍ବା ପ୍ରକାଶ କରନ୍ତି ଯେ, କୌଣସି ଶ୍ରେଣୀର ବ୍ୟକ୍ତିମାନେ କୌଣସି ଧର୍ମ, ଜାତି, ଭାଷା, ଆଞ୍ଚଳିକ ଦଳ କିମ୍ବା ସଂପ୍ରଦାୟର ସଦସ୍ୟ ହୋଇଥିବାରୁ ଭାରତୀୟ ନାଗରିକ ଭାବେ ସେମାନଙ୍କ ଅଧିକାରରୁ ବଞ୍ଚିତ ହେବେ; କିମ୍ବା

(ଗ) କୌଣସି ଶ୍ରେଣୀୟ ବ୍ୟକ୍ତିମାନଙ୍କର ଦାୟିତ୍ୱ ବିଷୟରେ, ସେମାନେ କୌଣସି ଧର୍ମ, ଜାତି, ଭାଷା କିମ୍ବା ଆଞ୍ଚଳିକ ଦଳ କିମ୍ବା ସଂପ୍ରଦାୟର ସଦସ୍ୟ ହୋଇଥିବା କାରଣରୁ କୌଣସି ଦୃଢୋକ୍ତି କରନ୍ତି କିମ୍ବା ପ୍ରକାଶନ କରନ୍ତି, ଏପରି ପ୍ରକାଶନ, ଉପଦେଶ କିମ୍ବା ଅନୁରୋଧ ଉକ୍ତ ଶ୍ରେଣୀୟ ବ୍ୟକ୍ତିମାନଙ୍କ ମଧ୍ୟରେ ମତଭେଦ, ଶତ୍ରୁତା ଏବଂ ଘୃଣା ସୃଷ୍ଟି କରିବାର ସମ୍ଭାବନା ଥାଏ, ତାହେଲେ ଉକ୍ତ ବ୍ୟକ୍ତିଙ୍କୁ ୩ ବର୍ଷ କାରାଦଣ୍ଡ କିମ୍ବା ଜୋରିମନା ଦଣ୍ଡ କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ କରାଯାଇପାରେ ।

(୨) ଯଦି କୌଣସି ବ୍ୟକ୍ତି ଉପଦଫା (୧) ଅନୁଯାୟୀ ଏପରି ଅପରାଧ, କୌଣସି ପୂଜାସ୍ଥାନ କିମ୍ବା ଧର୍ମ ସମ୍ବନ୍ଧୀୟ ସମ୍ମିଳନୀ କିମ୍ବା ଧାର୍ମିକ ଉତ୍ସବରେ ସଂଗଠନ କରନ୍ତି ତାହେଲେ ଉକ୍ତ ବ୍ୟକ୍ତିଙ୍କୁ ୫ ବର୍ଷ କାରାଦଣ୍ଡ ଏବଂ ଜୋରିମାନାରେ ଦଣ୍ଡିତ କରାଯିବ ।

## ପରିଚ୍ଛେଦ-IXA

## ନିର୍ବାଚନ ସଂକ୍ରାନ୍ତୀୟ ଅପରାଧ

**୧୭୧-କ**—"ପ୍ରାର୍ଥୀ", "ନିର୍ବାଚନ ଅଧିକାର" ସଂଜ୍ଞାୟୀତ :

ଏହି ଅଧ୍ୟାୟ ଉଦ୍ଦେଶ୍ୟରେ—

(କ) "ପ୍ରାର୍ଥୀ", ଅର୍ଥ କୌଣସି ନିର୍ବାଚନ ନିମନ୍ତେ ପ୍ରାର୍ଥୀଭାବେ ମନୋନୀତ କରାଯାଇଥିବା କୌଣସି ବ୍ୟକ୍ତି ;

(ଖ) "ନିର୍ବାଚନ ଅଧିକାର", ଅର୍ଥ କୌଣସି ନିର୍ବାଚନରେ କୌଣସି ବ୍ୟକ୍ତିର ଠିଆହେବା କିମ୍ବା ନ ଠିଆହେବା ଅଧିକାର, କିମ୍ବା ପ୍ରାର୍ଥୀତ୍ୱ ପ୍ରତ୍ୟାହାର କରିବା କିମ୍ବା ନ ଠିଆହେବା ଅଧିକାର କିମ୍ବା ପ୍ରାର୍ଥୀତ୍ୱ ପ୍ରତ୍ୟାହାର କରିବା କିମ୍ବା ଭୋଟ ପ୍ରଦାନ କରିବା କିମ୍ବା ଭୋଟ ପ୍ରଦାନରୁ ବିରତ ରହିବା ଅଧିକାର ।

**୧୭୧-ଖ**—ଲାଞ୍ଚ ପ୍ରଦାନ କରିବା :

(1) ଯଦି କୌଣସି ବ୍ୟକ୍ତି—

(i) କୌଣସି ନିର୍ବାଚନ ସଂକ୍ରାନ୍ତୀୟ ଅଧିକାର ପରିଚାଳନା କରିବା ନିମନ୍ତେ କିମ୍ବା ଏପରି ଅଧିକାର ପରିଚାଳନା କରିଥିବା ବ୍ୟକ୍ତିଙ୍କୁ ପୁରସ୍କୃତ କରିବା ଉଦ୍ଦେଶ୍ୟରେ କୌଣସି ବ୍ୟକ୍ତିଙ୍କୁ ଲାଞ୍ଚ ପ୍ରଦାନ କରନ୍ତି ; କିମ୍ବା

(ii) ଏପରି ଅଧିକାର ପରିଚାଳନା କରିଥିବାରୁ କିମ୍ବା ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଉକ୍ତ କାର୍ଯ୍ୟ ପରିଚାଳନା କରିବା ନିମନ୍ତେ ପ୍ରଲୁବ୍ଧ କରି କିମ୍ବା ପ୍ରଲୁବ୍ଧ କରିବାକୁ ଚେଷ୍ଟାକରି, ନିଜେ କିମ୍ବା ଅନ୍ୟ ବ୍ୟକ୍ତି ନିମନ୍ତେ କୌଣସି ଲାଞ୍ଚକୁ ପୁରସ୍କାରରୂପେ ଗ୍ରହଣ କରନ୍ତି ;

ସେ ଲାଞ୍ଚ ପ୍ରଦାନ କରିବା ଅପରାଧ କରନ୍ତି ;

ଉଲ୍ଲେଖ ଥାଉ ଯେକୌଣସି ସର୍ବସାଧାରଣ ନୀତିର ଘୋଷଣା କିମ୍ବା ସର୍ବସାଧାରଣ କାର୍ଯ୍ୟ ନିମନ୍ତେ ପ୍ରତିଜ୍ଞା, ଏହି ଦଫା ଅନୁଯାୟୀ ଅପରାଧ ହେବ ନାହିଁ ।

(2) କୌଣସି ବ୍ୟକ୍ତି ଯଦି ଅର୍ପଣ କରନ୍ତି କିମ୍ବା ଦେବାପାଇଁ ସମ୍ମତ ହୁଅନ୍ତି କିମ୍ବା କୌଣସି ଅନୁଗ୍ରହଗ୍ରହଣ କରିବାକୁ ଚେଷ୍ଟା କରନ୍ତି, ସେ ଲାଞ୍ଚ ପ୍ରଦାନ କରିଛନ୍ତି ବୋଲି ଧରାଯିବ ।

(3) କୌଣସି ବ୍ୟକ୍ତି ଯଦି ଲାଞ୍ଚ ଗ୍ରହଣ କରନ୍ତି କିମ୍ବା ଗ୍ରହଣ କରିବା ନିମନ୍ତେ ସମ୍ମତ ହୁଅନ୍ତି କିମ୍ବା ଗ୍ରହଣ କରିବା ନିମନ୍ତେ ଚେଷ୍ଟା କରନ୍ତି, ସେ ଲାଞ୍ଚ ଗ୍ରହଣ କରିଛନ୍ତି ବୋଲି ଧରାଯିବ ଏବଂ ଯଦି କୌଣସି ବ୍ୟକ୍ତି କୌଣସି କାର୍ଯ୍ୟ କରିବା ଉଦ୍ଦେଶ୍ୟରେ ଲାଞ୍ଚ ଗ୍ରହଣ କରନ୍ତି, ଯାହା କରିବା ଉଦ୍ଦେଶ୍ୟ ତାଙ୍କର ନ ଥାଏ କିମ୍ବା ଯାହା ସେ କରିନାହାନ୍ତି, ତାହା କରିବା ପାଇଁ ପୁରସ୍କାର ଭାବେ ତାହା ଗ୍ରହଣ କରନ୍ତି, ସେ ଉକ୍ତ ଲାଞ୍ଚକୁ ପୁରସ୍କାର ଭାବେ ଗ୍ରହଣ କରିଛନ୍ତି ବୋଲି ଧରାଯିବ ।

**୧୭୧-ଗ**—ନିର୍ବାଚନ ସମୟରେ ଅଯଥା ହସ୍ତକ୍ଷେପ :

(1) ଯେକୌଣସି ବ୍ୟକ୍ତି ଯଦି ସ୍ୱେଚ୍ଛାକୃତ ଭାବେ ନିର୍ବାଚନ ଅଧିକାର ମୁକ୍ତ ପରିଚାଳନାରେ ହସ୍ତକ୍ଷେପ କରନ୍ତି କିମ୍ବା ହସ୍ତକ୍ଷେପ କରିବା ନିମନ୍ତେ ଚେଷ୍ଟା କରନ୍ତି, ସେ ନିର୍ବାଚନରେ ଅଯଥା ହସ୍ତକ୍ଷେପ କରିବା ଅପରାଧ ସଂଗଠନ କରନ୍ତି ।

(2) ଉପଦଫା (1)ର ସାଧାରଣ ବ୍ୟବସ୍ଥାବଳୀରେ କୌଣସି ହାନି ନ କରି, ଯଦି କୌଣସି ବ୍ୟକ୍ତି—

(କ) କୌଣସି ପ୍ରାର୍ଥୀ କିମ୍ବା ଭୋଟରଙ୍କୁ କିମ୍ବା କୌଣସି ବ୍ୟକ୍ତି, ଯାହାଙ୍କ ପ୍ରତି କୌଣସି ପ୍ରାର୍ଥୀ କିମ୍ବା ଭୋଟର ଆଗ୍ରହୀ, ତାଙ୍କୁ ଯେ କୌଣସି କ୍ଷତି ପ୍ରଦାନ କରିବାକୁ ଧମକାନ୍ତି; କିମ୍ବା

(ଖ) କୌଣସି ପ୍ରାର୍ଥୀ କିମ୍ବା ଭୋଟରଙ୍କୁ ପ୍ରଲୁବ୍ଧ କରାନ୍ତି କିମ୍ବା ପ୍ରଲୁବ୍ଧ କରିବାକୁ ଚେଷ୍ଟା କରନ୍ତି ଏବଂ ବିଶ୍ୱାସ ସୃଷ୍ଟି କରନ୍ତି ଯେ, ସେ କିମ୍ବା ଯେଉଁ ବ୍ୟକ୍ତିଙ୍କ ପାଇଁ ସେ ଆଗ୍ରହୀ, ସେ ଦୈବୀ ଅସନ୍ତୋଷ ବା ଆଧ୍ୟାତ୍ମିକ ଆନନ୍ଦ ପ୍ରଦାନ କରିବେ । ଏ ପ୍ରକାର କାର୍ଯ୍ୟ ଉପଧାରା (1) ଅନୁଯାୟୀ ଜଣଙ୍କର ସ୍ୱାଧୀନ ମତଦାନ ଅଧିକାର ପ୍ରକ୍ରିୟାରେ ଅଯଥା ହସ୍ତକ୍ଷେପ ବୋଲି ଧରାଯିବ ।

(3) ଜନସାଧାରଣଙ୍କ ପାଇଁ କୌଣସି ନୀତି ଅଥବା ପ୍ରତିଶ୍ରୁତି କିମ୍ବା ଆଇନଗତ ଅଧିକାର ପ୍ରୟୋଗ କରିବା ସଂକ୍ରାନ୍ତୀୟ ଘୋଷଣା ଯାହାକି ମତଦାନ ଅଧିକାରଭାବେ ଉଦ୍ଦିଷ୍ଟ ନୁହେଁ ତାହା ଏହି ଦଫାର ଧାରା ଅନୁଯାୟୀ ହସ୍ତକ୍ଷେପ ବୋଲି ବିବେଚିତ ହେବ ନାହିଁ ।

**୧୭୧-ଘ**—କୌଣସି ନିର୍ବାଚନରେ ଅନ୍ୟନାମ ଧାରଣ କରିବା :

କୌଣସି ନିର୍ବାଚନରେ ଯଦି କୌଣସି ବ୍ୟକ୍ତି ଭୋଟ କାଗଜ ନିମନ୍ତେ ଆବେଦନ କରନ୍ତି କିମ୍ବା ଜୀବିତ କିମ୍ବା ମୃତ ଅନ୍ୟ କୌଣସି ବ୍ୟକ୍ତି ନାମରେ ଭୋଟ ପ୍ରଦାନ କରନ୍ତି କିମ୍ବା କୌଣସି କାଳ୍ପନିକ ନାମରେ କିମ୍ବା ଏପରି ନିର୍ବାଚନରେ ଥରେ ଭୋଟ ପ୍ରଦାନ ପରେ, ଆଉଥରେ ନିଜ ନାମରେ ଭୋଟ କାଗଜ ନିମନ୍ତେ ଆବେଦନ କରନ୍ତି ଏବଂ ଏହିପରିଭାବେ, ଅନ୍ୟ କୌଣସି ବ୍ୟକ୍ତି ଦ୍ୱାରା

ପ୍ରଦାନ କରାଯାଇଥିବା ଭୋଟକୁ ଗ୍ରହଣ କରିବା କିମ୍ବା ଗ୍ରହଣ କରିବା ଚେଷ୍ଟାରେ ପ୍ରୋତ୍ସାହନ ପ୍ରଦାନ କରନ୍ତି, ସେ ଉକ୍ତ ନିର୍ବାଚନରେ 'ଅନ୍ୟର ନାମ ଗ୍ରହଣ କରିବା' ଅପରାଧ ସଂଗଠନ କରନ୍ତି ।

**୧୭୧-ଙ**—ଲାଞ୍ଚ ପ୍ରଦାନ କରିବା ନିମନ୍ତେ ଦଣ୍ଡ :

ଯଦି କୌଣସି ବ୍ୟକ୍ତି ଲାଞ୍ଚ ଦେବା ଅପରାଧ କରନ୍ତି, ତା'ହେଲେ ସେ ଉଭୟ ବର୍ଣ୍ଣନୀୟ କାରାଦଣ୍ଡ ମଧ୍ୟରୁ ଯେ କୌଣସି କାରାଦଣ୍ଡ ଯାହାକି ଏକ ବର୍ଷ ପର୍ଯ୍ୟନ୍ତ ପରିବର୍ଦ୍ଧିତ ହୋଇପାରେ କିମ୍ବା ଜୋରିମାନା ସହିତ କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ ହେବେ ।

ଉଲ୍ଲେଖ ଥାଉ ଯେ ଆପ୍ୟାୟନ ଦ୍ୱାରା ଲାଞ୍ଚ ପ୍ରଦାନ କରିବା, କେବଳ ଜୋରିମାନାରେ ଦଣ୍ଡିତ କରାଯିବ ।

**ସ୍ପଷ୍ଟୀକରଣ**—

"ଆପ୍ୟାୟନ" ଅର୍ଥ ସେହି ପ୍ରକାର ଲାଞ୍ଚ ପ୍ରଦାନ ଯେଉଁଠାରେ ଲାଞ୍ଚ ପ୍ରଦାନ, ଖାଦ୍ୟପେୟ, ଆମୋଦପ୍ରମୋଦ କିମ୍ବା ଅନ୍ୟ ପ୍ରକାର ବ୍ୟବହାରକୁ ବୁଝାଏ ।

**୧୭୧-ଚ**—କୌଣସି ନିର୍ବାଚନରେ ଅଯଥା ପ୍ରଭାବ କିମ୍ବା ଅନ୍ୟର ନାମ ଗ୍ରହଣ କରିବା ନିମନ୍ତେ ଦଣ୍ଡ :

ଯଦି କୌଣସି ବ୍ୟକ୍ତି କୌଣସି ନିର୍ବାଚନରେ ଅଯଥା ପ୍ରଭାବ କିମ୍ବା ଅନ୍ୟର ନାମ ଗ୍ରହଣ କରିବା ଅପରାଧ କରନ୍ତି, ତାଙ୍କୁ ଉଭୟ ବର୍ଣ୍ଣନୀୟ କାରାଦଣ୍ଡ ମଧ୍ୟରୁ ଯେକୌଣସି କାରାଦଣ୍ଡ ଯାହାକି ୧ ବର୍ଷ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରାଯାଇପାରିବ କିମ୍ବା ଜୋରିମାନା ସହିତ କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ କରାଯିବ ।

**୧୭୧-ଛ**—କୌଣସି ନିର୍ବାଚନ ସଂପର୍କରେ ମିଥ୍ୟା ବିବରଣୀ ପ୍ରଦାନ କରିବା :

ଯଦି କୌଣସି ବ୍ୟକ୍ତି, କୌଣସି ନିର୍ବାଚନର ଫଳାଫଳକୁ ପ୍ରଭାବିତ କରିବାପାଇଁ କୌଣସି ବିବରଣୀ ପ୍ରସ୍ତୁତ କରନ୍ତି କିମ୍ବା ଏପରି ବିବରଣୀକୁ ପ୍ରକାଶ କରନ୍ତି, ଯାହା କି ମିଥ୍ୟା ହୋଇଥାଏ ଏବଂ ଯାହାକୁ ସେ ମିଥ୍ୟା ବୋଲି ଜାଣନ୍ତି କିମ୍ବା ବିଶ୍ୱାସ କରନ୍ତି ବା ତାହା ସତ୍ୟବୋଲି ବିଶ୍ୱାସ କରନ୍ତି ନାହିଁ ଏବଂ ତାହା କୌଣସି ପ୍ରାର୍ଥୀଙ୍କ ବ୍ୟକ୍ତିଗତ ଚରିତ୍ର ବା ଆଚରଣ ଉପରେ ହୋଇଥାଏ, ତାହାହେଲେ ଉକ୍ତ ବ୍ୟକ୍ତିଙ୍କୁ କେବଳ ଜୋରିମାନାରେ ଦଣ୍ଡିତ କରାଯିବ ।

**୧୭୧-ଜ**—କୌଣସି ନିର୍ବାଚନ ସଂପର୍କରେ ଅବୈଧ ଅର୍ଥ ପ୍ରଦାନ କରିବା :

କୌଣସି ପ୍ରାର୍ଥୀଙ୍କର, ସାଧାରଣ କିମ୍ବା ବିଶେଷ କ୍ଷମତା ଲିଖିତ ଭାବେ ନ ଥାଇ, ଯଦି କୌଣସି ବ୍ୟକ୍ତି ଉକ୍ତ ପ୍ରାର୍ଥୀଙ୍କୁ ନିର୍ବାଚନ ନିମନ୍ତେ କୌଣସି ସାଧାରଣସଭା କିମ୍ବା କୌଣସି ବିଜ୍ଞାପନ, ସର୍କୁଲାର କିମ୍ବା ପ୍ରକାଶନ କିମ୍ବା ଅନ୍ୟ କୌଣସି ପ୍ରକାର କାର୍ଯ୍ୟରେ ଅର୍ଥ ବିନିଯୋଗ କରନ୍ତି କିମ୍ବା ଅର୍ଥ ବିନିଯୋଗ କରିବା ନିମନ୍ତେ କ୍ଷମତା ପ୍ରଦାନ କରନ୍ତି, ତା'ହେଲେ ଉକ୍ତ ବ୍ୟକ୍ତିଙ୍କୁ ପାଞ୍ଚଶତ ଟଙ୍କା ଜୋରିମାନାରେ ଦଣ୍ଡିତ କରାଯିବ ।

ଉଲ୍ଲେଖ ଥାଉ ଯେ ଯଦି କୌଣସି ବ୍ୟକ୍ତି ଏପରି ଖର୍ଚ୍ଚ କରିଥାନ୍ତି ଏବଂ ଏହା ଦଶ ଟଙ୍କାରୁ ଉର୍ଦ୍ଧ୍ୱ ହୋଇ ନ ଥାଏ ଏବଂ ଏହି ଟଙ୍କା ଖର୍ଚ୍ଚ କରିବାର ଦଶଦିନ ମଧ୍ୟରେ ପ୍ରାର୍ଥୀଙ୍କର ଲିଖିତ ଅନୁମୋଦନ ଗ୍ରହଣ କରନ୍ତି, ତା'ହେଲେ ସେ ପ୍ରାର୍ଥୀଙ୍କ କ୍ଷମତା ବଳରେ ଉକ୍ତ ଅର୍ଥ ଖର୍ଚ୍ଚ କରିଛନ୍ତି ବୋଲି ଧରାଯିବ ।

**୧୭୧-ଝ**— ନିର୍ବାଚନ ହିସାବ ରଖିବାରେ ଖିଲାପ :

ବଳବତ୍ତର ଆଇନ ବଳରେ କିମ୍ବା କୌଣସି ନିୟମ ବଳରେ, କୌଣସି ବ୍ୟକ୍ତି ଯଦି କୌଣସି ନିର୍ବାଚନରେ ଖର୍ଚ୍ଚ ହୋଇଥିବା ଅର୍ଥର ସଠିକ୍ ହିସାବ ନ ରଖନ୍ତି, ତାଙ୍କୁ ପାଞ୍ଚଶତ ଟଙ୍କା ଜୋରିମାନାରେ ଦଣ୍ଡିତ କରାଯିବ ।

***

OGP-PP-DTP-U1 (SEC)-1002-10000 Bks.-14-2-2022